ଧରିତ୍ରୀ
DHARITRI
ସୋମବାର, ୨୧ ଅକ୍ଟୋବର, ୨୦୧୯



## ସଂକ୍ଷେପରେ

### ବିଷପାନ କରି ୨ ମୃତ

ବ୍ରହ୍ମପୁର ଅଫିସ,୨୦।୧୦: ପୃଥକ୍ ବିଷ କ୍ରିୟାରେ ଗୁରୁତର ଥିବା ଜଣେ ଛାତ୍ରୀଙ୍କ ସମେତ ୨ ଜଣଙ୍କର ବ୍ରହ୍ମପୁର ବଡ ମେଡିକାଲରେ ଶନିବାର ରାତିରେ ମୃତ୍ୟୁ ଘଟିଛି। ସେମାନେ ହେଲେ ଦିଗପହଣ୍ଡି ଥାନା ଅନ୍ତର୍ଗତ ସିଦ୍ଧେଶ୍ୱର ଗ୍ରାମର ରମେଶ ଲେଙ୍କା (୪୨) ଓ ପୁରୁଷୋତ୍ତମପୁର ଥାନା ରାଇପୁର ଗ୍ରାମର ପ୍ରିୟଙ୍କା ବେହେରା(୧୫)। ମେଡିକାଲ ଫାଣ୍ଡି ପୋଲିସ ରବିବାର ଉଭୟ ମୃତଦେହ ଜବତ କରି ପୃଥକ୍ ଭାବେ ୨ଟି ଅପମୃତ୍ୟୁ ମାମଲା ରୁଜୁ କରିଛି।

ଘଟଣାରୁ ପ୍ରକାଶ ଯେ, କୌଣସି ଏକ ଘରୋଇ କଳିକୁ କେନ୍ଦ୍ରକରି ରମେଶ ଗତ ୧୫ ତାରିଖ ରାତିରେ ବିଷ ପାନ କରିଥିଲେ। ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ପ୍ରିୟଙ୍କା ମଧ ତାଙ୍କ ବାପାଙ୍କ ତାଗିଦକୁ ସହ୍ୟ ନ କରିପାରି ମାନସିକ ଭାରସାମ୍ୟ ହରାଇ ଶନିବାର ସନ୍ଧ୍ୟାରେ ବିଷପାନ କରିଥିଲେ। ପରିବାର ଲୋକେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ରେଳଧାରଣାରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର ଅଫିସ,୨୦।୧୦: ସରକାରୀ ରେଳବାଇ ପୋଲିସ ରବିବାର ଆଙ୍କୁଲି ଓଭରବ୍ରିଜ ତଳ ଦେଇ ଯାଇଥିବା ରେଳଧାରଣାରୁ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି। ବୃଦ୍ଧଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କର ବୟସ ଆନୁମାନିକ ୬୨ବର୍ଷ ହେବ ବୋଲି ପୋଲିସ କହିଛି। ମୃତଦେହ ଜବତ କରି ପୋଲିସ ନଂ. ୫୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ସଂରକ୍ଷଣ ଗୃହରେ ରଖାଯାଇଛି। ପ୍ରାଥମିକ ଅନୁସନ୍ଧାନରୁ ବୃଦ୍ଧ ଜଣକ ରେଳଧାରଣାରେ ଶୋଇ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଥିବା କହିଛି।

### ବକ୍ତୃତା, ଶ୍ଲୋକାବୃତ୍ତି ପ୍ରତିଯୋଗିତା

ବ୍ରହ୍ମପୁର ଅଫିସ,୨୦।୧୦: ପୀଠ ପରିଷଦ ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ ବ୍ରହ୍ମପୁର ଶାଖା ପକ୍ଷରୁ ରବିବାର କେସି ଟାଉନ ହାଇସ୍କୁଲରେ ଆଧାତ୍ମିକ ବକ୍ତୃତା ଓ ଶ୍ଲୋକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ଏବଂ ଉପକଣ୍ଠ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ । ଆଦିତ୍ୟ ବାହିନୀ ସଦସ୍ୟ ପଣ୍ଡିତ ଗୋପାଳ କୃଷ୍ଣ ପାଢ଼ୀ, ସହଯୋଗୀ ପଣ୍ଡିତ ଗୌରୀ ଶଙ୍କର ମିଶ୍ରଙ୍କ ସମେତ ବିଜୟ କୁମାର ମହାନ୍ତି ଓ ଡ଼. ଶୁଭେନ୍ଦୁ ସାହୁ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ବାହିନୀର ଆସନ୍ତା ବାର୍ଷିକୋତ୍ସବରେ ପୁରସ୍କୃତ କରାଯିବ। ଶାଖା ସଭାପତି ସୂର୍ଯ୍ୟ ନାରାୟଣ ରଥ, ସମ୍ପାଦକ ହୃଷୀକେଶ ପାଢ଼ୀ, ସଦସ୍ୟ ପ୍ରଭାତ ଷଡ଼ଙ୍ଗୀ, ରାମ ପ୍ରସାଦ ପଣ୍ଡା, ସନ୍ତୋଷ ସାହୁ, ଶିବ ଶଙ୍କର, ଅନୀଲ ଚୌଧୁରୀ, ସି. ଚନ୍ଦ୍ରଶେଖର, ଜେଏସ୍‌ପି ରାଓ, ରଞ୍ଜନ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଆଧାତ୍ମିକ ପରିବେଶ ହିଁ ସୁସ୍ଥ ସମାଜ ଗଠନର ସର୍ବୋତ୍କୃଷ୍ଟ ମାର୍ଗ ନେଇ ପ୍ରତିଯୋଗିତା ହୋଇଥିଲା ।

## ■ ମିଶନ୍ 'ଡ୍ରିମ୍' କର୍ମଶାଳାରେ ଜିଲାପାଳଙ୍କ ପରାମର୍ଶ

# 'ପରୀକ୍ଷା ଭୟ ଦୂରେଇ ବିଶ୍ୱାସ ବଢ଼ାଅ'

■ ଆସନ୍ତା ମାଟ୍ରିକ୍ ପରୀକ୍ଷାରେ ଶୂନ ଫେଲ୍ ଲକ୍ଷ୍ୟ

■ ଶତ ପ୍ରତିଶତ, ଏ-୧ ରଖିଥିବା ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର ଅଫିସ୍,୨୦।୧୦

ଓଡ଼ିଆ ମାଧ୍ୟମ ଛାତ୍ରୀଛାତ୍ରମାନେ କମ୍ ସଂଖ୍ୟକ ପରୀକ୍ଷାରେ ଭାଗ ନେଇଥାନ୍ତି। ବର୍ଷ ତମାମ୍ ପାଠ ପଢୁଥିଲେ ମଧ୍ୟ ପରୀକ୍ଷା ଅଭିଜ୍ଞତାର ଅଭାବ ରହୁଛି। ଫଳରେ ପରୀକ୍ଷା ସମୟରେ ଭୟ ଏବଂ ଦ୍ୱନ୍ଦ୍ୱରେ ରହୁଛନ୍ତି। ବାର୍ଷିକ ପରୀକ୍ଷାରେ ଫଳାଫଳ ଖରାପ ହେଉଛି । ବିଗତ ବର୍ଷଗୁଡ଼ିକରେ ଗଞ୍ଜାମ ଜିଲାରେ ଦଶମ ଶ୍ରେଣୀ ପରୀକ୍ଷା ଫଳାଫଳକୁ ସମୀକ୍ଷା କଲେ ଏହା ସ୍ପଷ୍ଟ ଜଣାପଡୁଛି। ଏଣୁ ପିଲାମାନଙ୍କୁ ପରୀକ୍ଷା ଅଭ୍ୟାସର ଆବଶ୍ୟକତା ରହିଛି । ସେମାନଙ୍କ ମନରେ ପରୀକ୍ଷା ସମ୍ପର୍କରେ ଥିବା ଭୟ ଦୂର କରିବା ସହ ବିଶ୍ୱାସ ବଢ଼ାଇବା ଦିଗରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟ କରନ୍ତୁ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପରାମର୍ଶ ଦେଇଛନ୍ତି । ବ୍ରହ୍ମପୁର ଶିଳ୍ପ ତାଲିମ୍ ଅନୁଷ୍ଠାନ(ଆଇଟିଆଇ) ସମ୍ମିଳନୀ କକ୍ଷରେ ରବିବାର ଆୟୋଜିତ ଜିଲାସ୍ତରୀୟ ଡ୍ରାଇଭ୍ ଫର୍ ରେଜଲ୍ଟ ଏନ୍‌ହାନ୍ସମେଣ୍ଟ ଇନ୍ ଆନୁଆଲ୍ ମାଟ୍ରିକୁଲେଶନ୍ ଏକ୍ସାମିନେଶନ୍(ଡ୍ରିମ୍) କର୍ମଶାଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ କୁଲାଙ୍ଗେ ଉପରୋକ୍ତ ବକ୍ତବ୍ୟ ପ୍ରଦାନ କରିଛନ୍ତି।



କର୍ମଶାଳାରେ ଜିଲାପାଳଙ୍କ ସମେତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।

ଜିଲାପାଳ କହିଥିଲେ, ଜଣେ ଆଥଲେଟ୍ ଶହେ ମିଟର ଦୌଡ଼ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିବାକୁ ହେଲେ ସେ ସର୍ବଦା ପଡ଼ିଆରେ ଅଭ୍ୟାସ କରିଥାଏ । ବହି ପଢ଼ି କିମ୍ବା କାଗଜରେ ଯୋଜନା ପ୍ରସ୍ତୁତ କଲେ ଆଥଲେଟ୍ ଜଣକ ସଫଳତା ପାଇପାରିବ ନାହିଁ । ଅଭ୍ୟାସ ହିଁ ସଫଳତାର ମୂଳ ସୂତ୍ର । ଏଣୁ ପିଲାମାନେ ଅଧିକରୁ ଅଧିକ ପରୀକ୍ଷା ଅଭ୍ୟାସ କଲେ ବାର୍ଷିକ ପରୀକ୍ଷାରେ ନିଶ୍ଚିତ ସଫଳ ହେବେ । ଏହି ଲକ୍ଷ୍ୟ ନେଇ ଜିଲାରେ ମିଶନ୍ ଡ୍ରିମ୍ ଆରମ୍ଭ ହେବାକୁ ଯାଉଛି। ସୋମବାରରୁ ବିଦ୍ୟାଳୟସ୍ତରରେ ପରୀକ୍ଷା ଆରମ୍ଭ ହେବ। ସପ୍ତାହର ପ୍ରତ୍ୟେକ ସୋମବାର ଏବଂ ଗୁରୁବାରରେ ପରୀକ୍ଷା ଅନୁଷ୍ଠିତ ହେବ। ଏହା ଦ୍ୱାରା ପିଲାମାନେ ପରୀକ୍ଷା ଅଭ୍ୟସ୍ତ ହୋଇଯିବେ। ଆଉ ଭୟ ରହିବ ନାହିଁ । ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ିବ। ଦ୍ୱନ୍ଦ୍ୱ ଦୂର ହେବ। ପିଲାମାନେ ବହୁତ ପଢୁଛନ୍ତି କିନ୍ତୁ ଲେଖୁଛନ୍ତି କମ୍। ଅଧିକ ଲେଖିଲେ ହିଁ ପରୀକ୍ଷାରେ ଉତ୍ତର ଲେଖିବା ସହଜ ହେବ। ଏଦିଗରେ ପ୍ରଧାନ ଶିକ୍ଷୟିତ୍ରୀ ଏବଂ ପ୍ରଧାନ ଶିକ୍ଷକଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗୁରୁ ଦାୟିତ୍ୱ ରହୁଛି । ସମସ୍ତେ ଏକ ଟିମ୍ ହୋଇ କାର୍ଯ୍ୟ କଲେ ଆସନ୍ତା ମାଟ୍ରିକ୍ ପରୀକ୍ଷାରେ ଜିଲାରେ 'ଶୂନ୍ ଫେଲ୍' ଲକ୍ଷ୍ୟକୁ ହାସଲ କରାଯାଇପାରିବ ବୋଲି ଜିଲାପାଳ କୁଲାଙ୍ଗେ ପ୍ରକାଶ କରିଥିଲେ । ଗତ ପରୀକ୍ଷାରେ ଏ-୧ ଗ୍ରେଡ୍ ରଖିଥିବା ୨୭ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଏହି ଅବସରରେ ଜିଲାପାଳ କୁଲାଙ୍ଗେ ସମ୍ବର୍ଦ୍ଧିତ କରିଥିଲେ । ସେହିଭଳି ଶତପ୍ରତିଶତ ସଫଳତା ହାସଲ କରିଥିବା ୮ ବିଦ୍ୟାଳୟ ଯଥା, ପାତ୍ରପୁର ବ୍ଲକର ବରଙ୍ଗ ସରକାରୀ ୟୁ.ଜି. ହାଇସ୍କୁଲ, ଜୟନ୍ତୀପୁର ଶ୍ରୀ ଦିବ୍ୟସିଂହ ବିଦ୍ୟାପୀଠ, ଭୀମପୁର ସରକାରୀ ୟୁ.ଜି. ହାଇସ୍କୁଲ ଏବଂ କେଶରିପଡ଼ା ଏସ୍‌ଆର୍‌ଏଲ୍ ହାଇସ୍କୁଲ, ରଙ୍ଗେଇଲୁଣ୍ଡା ବ୍ଲକ ମାର୍କଣ୍ଡୀ ସରକାରୀ ୟୁ.ଜି. ହାଇସ୍କୁଲ ଏବଂ ପାଲୁର ସରକାରୀ ୟୁ.ଜି. ହାଇସ୍କୁଲ, କବିସୂର୍ଯ୍ୟନଗର ବ୍ଲକର ଶ୍ରୀ ସିଦ୍ଧେଶ୍ୱର ହାଇସ୍କୁଲ ଏବଂ ଚିକିଟି ବ୍ଲକ ପାତିସୁନାପୁର ସରକାରୀ ୟୁ.ଜି. ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ମିଶନ୍ 'ଡ୍ରିମ୍' କର୍ମଶାଳା ଅନୁଷ୍ଠିତ ହୋଇଥିଲା ।

ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଆଇଟିଆଇ ଅଧ୍ୟକ୍ଷ ରଜତ ପାଣିଗ୍ରାହୀ, ପୁରୁଷୋତ୍ତମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ହରିକୃଷ୍ଣ ପଣ୍ଡା, ଡୁରା ନ୍ୟାସନାଲ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ରାମା ରାଓ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତୀ ମହାପାତ୍ର ସ୍ୱାଗତ ଭାଷଣ ଏବଂ ପ୍ରାରମ୍ଭିକ ସୂଚନା ଦେଇଥିଲେ । କର୍ମଶାଳାରେ ଜିଲାର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଶିକ୍ଷକମାନେ ଯୋଗ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କର୍ମଚାରୀମାନେ ପରିଚାଳନା କରିଥିଲେ ।

## ବିଜେଡିର ଜନ ସମ୍ପର୍କ ସଭା

ବ୍ରହ୍ମପୁର ଅଫିସ,୨୦।୧୦

ବ୍ରହ୍ମପୁର ଉତ୍କଳ ଛକରେ ରବିବାର ସନ୍ଧ୍ୟାରେ ବିଜେଡିର ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ୱାର୍ଡସ୍ତରରେ ପଦଯାତ୍ରା ପରିବର୍ତ୍ତେ ୬ ୱାର୍ଡର କର୍ମୀ ଓ ଦଳର ସମର୍ଥକଙ୍କ ସମାବେଶ କରାଯାଇ ଜନ ସମ୍ପର୍କ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ୮, ୧୨, ୧୩, ୧୪, ୧୫ ଓ ୧୮ ନଂ ୱାର୍ଡର ପୂର୍ବତନ କର୍ପୋରେଟରମାନେ ଯୋଗଦେଇ ରାଜ୍ୟ ସରକାରଙ୍କ ଉନ୍ନତି ଯୋଜନାରେ ହୋଇଥିବା ଯୋଜନା ସମ୍ପର୍କରେ ବଖାଣିଥିଲେ । ଏମପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ଶିବ ଶଙ୍କର ସାହାଣୀ, ମହାନଗର ବିଜେଡି ସଭାପତି ବିଜୟ ଚନ୍ଦ୍ର ସାମଲ, ରାଜ୍ୟ ବିଜେଡି ସଂଖ୍ୟାଲଘୁ ସେଲ ମୁଖ୍ୟ ମହମ୍ମଦ ଫାଇଜ ଯୋଗ ଦେଇଥିଲେ । ବିଜେଡି ରାଜ୍ୟ ସମ୍ପାଦକ ଟି. ଗୋପୀ, ମହିଳା ବିଜେଡି ଜିଲା ସଭାନେତ୍ରୀ ସଂଘମିତ୍ରା ଦଳାଇଙ୍କ ସମେତ ଲକ୍ଷ୍ମୀ ପାଢ଼ୀ, କର୍ପୋରେଟର ଦଣ୍ଡପାଣି ନାୟକ ଉଦ୍‌ବୋଧନ ଦେଇ ନବୀନ ପଟ୍ଟନାୟକ ସରକାରଙ୍କ କଲ୍ୟାଣମୂଳକ ଯୋଜନାଗୁଡ଼ିକ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିଥିଲେ। ସମବେତ ୱାର୍ଡବାସୀମାନଙ୍କ ସମସ୍ୟା ନେଇ ମଞ୍ଚାସୀନ ନେତାମାନେ ପଚାରିଥିଲେ ଏବଂ ତୁରନ୍ତ ସମାଧାନର ପ୍ରତିଶ୍ରୁତି ଦେଇଥିଲେ । ଉପରୋକ୍ତ ୱାର୍ଡଗୁଡ଼ିକରୁ ବହୁ ସଂଖ୍ୟକ ଲୋକ ସଭାରେ ଉପସ୍ଥିତ ଥିଲେ ।

## ୧୮ରେ ଦିବ୍ୟାଙ୍ଗଙ୍କୁ ମାଗଣା କୃତ୍ରିମ ଅଙ୍ଗ ପ୍ରଦାନ



ଦିବ୍ୟାଙ୍ଗମାନଙ୍କ ନାମ ପଞ୍ଜୀକରଣ କରାଯାଉଛି ।

ବ୍ରହ୍ମପୁର ଅଫିସ୍,୨୦।୧୦

ବ୍ରହ୍ମପୁର ରୋଟାରୀ କ୍ଲବ ଇଷ୍ଟ ପକ୍ଷରୁ ଦିବ୍ୟାଙ୍ଗଙ୍କୁ ମାଗଣା ଅଙ୍ଗ ପ୍ରଦାନ କାର୍ଯ୍ୟକ୍ରମ ସକ୍ଷମ-୨ ଶିବିର ପାଇଁ ପଞ୍ଜୀକରଣ ରବିବାର ଅନୁଷ୍ଠିତ ହୋଇଯାଇଛି। ଧର୍ମନଗର ପଞ୍ଚମ ଲେନ୍‌ରେ ଥିବା କମ୍ୟୁନିଟି ହଲ୍‌ରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଶିବିରରେ ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । କ୍ଲବ ସଭାପତି ପ୍ରଦୀପ କୁମାର ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ । ପ୍ରାକ୍ତନ ସଭାପତି ତଥା ସକ୍ଷମ-୧ ସଂଯୋଜକ ଅଜିତ କୁମାର ପୃଷ୍ଟି ପ୍ରାରମ୍ଭିକ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଅଧ୍ୟକ୍ଷ ସୁଧାଂଶୁ କୁମାର ଖଡ଼୍‌ଗରାୟ ରୋଟାରୀ କ୍ଲବ ଇଷ୍ଟର ସକ୍ଷମ-୧ ଏବଂ ସକ୍ଷମ-୨ କାର୍ଯ୍ୟକ୍ରମ ସଂପର୍କରେ ବିବରଣୀ ପ୍ରଦାନ କରିଥିଲେ । ପ୍ରାୟ ୧୫୦ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ ପାଇଁ ନାମ ପଞ୍ଜୀକରଣ କରାଯାଇଥିବା ଅଧ୍ୟକ୍ଷ ସୂଚନା ଦେଇଥିଲେ । ଏହି ଶିବିରରେ ଉପଭୋକ୍ତାଙ୍କର ଆବଶ୍ୟକତା ଅନୁଯାୟୀ କୃତ୍ରିମ ଅଙ୍ଗର ଆକାର ଏବଂ ଆକୃତି ମାପ ନିଆଯାଇଥିଲା । କଲିକତାର ମହାବୀର ସେବା ସଦନର ସ୍ୱେଚ୍ଛାସେବୀମାନେ ଏଥିରେ ସହଯୋଗ କରିଥିଲେ। ନଭେମ୍ବର ୧୮ରେ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯିବ । ଜିଲାର ବିଭିନ୍ନ ଅଞ୍ଚଳ ସହ ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ ମଧ୍ୟ ଉପଭୋକ୍ତାମାନେ ଏହି ଶିବିରରେ ନିଜ ନାମ ପଞ୍ଜୀକରଣ କରିଥିଲେ । ସମସ୍ତ ଦିବ୍ୟାଙ୍ଗ ଏବଂ ତାଙ୍କର ସହଯୋଗୀଙ୍କ ପାଇଁ ରହିବା ଖାଇବା ବ୍ୟବସ୍ଥା କରାଯାଇଥିଲା। ଉଦ୍‌ଘାଟନ ସଭାକୁ ଡା. ସମ୍ପିତ ବେଗ୍‌ରାୟ ସଂଯୋଜନା କରିଥିଲେ । ଶେଷରେ ସମ୍ପାଦକ ରଂଜିତ ପାତ୍ର ଧନ୍ୟବାଦ ଦେଇଥିଲେ ।

## ଟ୍ରକ୍ ଧକ୍କାରେ ବ୍ୟବସାୟୀ ମୃତ ଡ୍ରାଇଭର କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୨୦।୧୦

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ସମ୍ମୁଖରେ ଶନିବାର ରାତି ପ୍ରାୟ ସାଢ଼େ ୧୦ଟାରେ ଏକ ଟ୍ରକ୍ ଧକ୍କାରେ ଜଣେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ ହୋଇଥିଲା। ମୃତକ ଆଙ୍କୁଲି ବାରିବନ୍ଧ ସାହିର ଅବିନାଶ ଦାସଙ୍କ ପୁଅ ଆଶୁତୋଷ(୩୩)। ଟ୍ରାଫିକ ଥାନା ପୋଲିସ ରବିବାର ବ୍ୟବସାୟୀଙ୍କ ମୃତଦେହ ଜବତ କରି ନଂ.୨୭/୧୯ରେ ଏକ ମାମଲା ରୁଜୁ କରିଛି। ଅନ୍ୟପଟେ ଟ୍ରକ୍ ଡ୍ରାଇଭର ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଲେପା ଗ୍ରାମର ଦୋଳଗୋବିନ୍ଦ ସେନାପତିଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି ବୋଲି ତଦନ୍ତକାରୀ ଅଧିକାରୀ ଗୁରୁନିଧି ମଲିକ କହିଛନ୍ତି। ଆଶୁତୋଷ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଏକ ଔଷଧ ଦୋକାନ କରିଛନ୍ତି। ଶନିବାର ରାତିରେ ସେ ଦୋକାନ ବନ୍ଦକରି ବାଇକ୍ (ନଂ ଓଆର ୦୭ଏଲ୧୬୧୨)ରେ କମାପଲ୍ଲୀ ଦେଇ ଘରକୁ ଫେରୁଥିଲେ। ବୈଦ୍ୟନାଥପୁର ଥାନା ସମ୍ମୁଖରେ ତାଙ୍କ ବାଇକ୍ ପଛପଟକୁ ଏକ ଟ୍ରକ (ନଂ ଓଡ଼ି୦୭ ଏଏ ୫୨୧୧) ଧକ୍କା ଦେଇଥିଲା। ଫଳରେ ବ୍ୟବସାୟୀ ଜଣକ ଗାଡ଼ିରୁ ଛିଟିକି ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଘଟଣାସ୍ଥଳରେ ବୈଦ୍ୟନାଥପୁର ପୋଲିସ ପହଞ୍ଚି ବ୍ୟବସାୟୀ ଜଣକ ଜୀବିତ ଥିବା ଭାବି ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ବିଜୁ ଯୁବ ବାହିନୀର ରକ୍ଷକ କାର୍ଯ୍ୟକ୍ରମ

### ୱାର୍ଡ ନଂ. ୩୧ରେ ପ୍ରଦୂଷଣ ପ୍ରମାଣପତ୍ର ପ୍ରଦାନ ଶିବିର

ବ୍ରହ୍ମପୁର ଅଫିସ,୨୦।୧୦

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ୩୧ନଂ. ୱାର୍ଡରେ ବିଜୁ ଯୁବ ବାହିନୀ ପକ୍ଷରୁ ନୂତନ ସଡକ ସୁରକ୍ଷା ଆଇନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ 'ରକ୍ଷକ' ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୱାର୍ଡର ଅଶୋକ ନଗରରୁ ଏକ ସଚେତନତା ଶୋଭାଯାତ୍ରା ବାହାରିକ କୋଅପରେଟିଭ କଲୋନୀ ସମେତ ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ଶୋଭାଯାତ୍ରାକୁ ପୂର୍ବତନ କର୍ପୋରେଟର ସୁରେନ୍ଦ୍ର ମହାରଣା ଶୁଭାରମ୍ଭ କରିଥିଲେ। ବିଜୁ ଯୁବ ବାହିନୀ ସଦସ୍ୟମାନେ ଶୋଭାଯାତ୍ରାରେ ପ୍ଲାକାର୍ଡ ପ୍ରଚାରପତ୍ର ମାଧ୍ୟମରେ ନୂତନ ସଡକ ସୁରକ୍ଷା ଆଇନର ବିଭିନ୍ନ ଦିଗ ଉପରେ ଅଞ୍ଚଳବାସୀଙ୍କୁ ସଚେତନ କରାଇଥିଲେ। ଏହାପରେ କମାପଲ୍ଲୀ ବୈଦ୍ୟନାଥେଶ୍ୱର ମନ୍ଦିର ପରିସରରେ ବିଜୁ ଯୁବ ବାହିନୀ ସହଯୋଗରେ ଦୁଇ ଚକିଆ, ଚାରି ଚକିଆଯାନର ପ୍ରଦୂଷଣ ପ୍ରମାଣପତ୍ର ଓ ବୀମା ଶିବିର ଆୟୋଜନ କରାଯାଇଥିଲା। ଏଥିରେ ୩୧୦ରୁ ଊର୍ଦ୍ଧ୍ୱ ଦୁଇ ଚକିଆ ଓ ୧୮ ଚାରି ଚକିଆ ଯାନର ପ୍ରଦୂଷଣ ପ୍ରମାଣପତ୍ର କରାଯାଇଥିଲା । ବିଜୁ ଯୁବ ବାହିନୀ ସଂଯୋଜକ ଜେ. ଚନ୍ଦ୍ରଶେଖର, ହିମାନି ଦାସ ଓ ଅବିନାଶ ପାଣ୍ଡେ, ବିଜୁ ଯୁବ ବାହିନୀ ୱାର୍ଡ ସଂଯୋଜକ ମଧୁସୂଦନ ପାଢୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ୱାର୍ଡ ନଂ. ୩୩ ଦ୍ୱାରା ଗଜପତି ନଗର ଛକରେ ଓ ବିଜୁ ଯୁବ ବାହିନୀ ୱାର୍ଡ ନଂ ୮ ଦ୍ୱାରା ଆସ୍କାରୋଡସ୍ଥିତ ରଜାସହି ଛକରେ ମଧ ସଡକ ସୁରକ୍ଷା ଓ ଟ୍ରାଫିକ ନିୟମ ସଚେତନତା ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା ।


ଗାଡିଗୁଡିକର ପ୍ରଦୂଷଣ ଯାଞ୍ଚ କରାଯାଉଛି ।

## ଟ୍ରେନରେ ଛାଡ଼ିଦେଇଥିବା ବ୍ୟାଗ ଫେରିପାଇଲେ ଯାତ୍ରୀ

ବ୍ରହ୍ମପୁର ଅଫିସ,୨୦।୧୦

ହୀରାଖଣ୍ଡ ଏକ୍ସପ୍ରେସରେ ଛାଡ଼ି ଦେଇଥିବା ଏକ ବ୍ୟାଗ ରେଳବାଇ ସୁରକ୍ଷା ବଳ (ଆରପିଏଫ) କର୍ମଚାରୀଙ୍କ ସହାୟତାରେ ଯାତ୍ରୀ ପ୍ରଦୋଷ କୁମାର ସାହୁ ଫେରି ପାଇଛନ୍ତି। ବ୍ୟାଗ ଭିତରେ ୩୦ ହଜାର ଟଙ୍କା ଓ କିଛି ଲୁଗାପଟା ରହିଥିଲା। ଆରପିଏଫ ଥାନାଧିକାରୀ ଦିଲୀପ କୁମାର ସିଂଙ୍କ ଉପସ୍ଥିତିରେ ଉକ୍ତ ଟଙ୍କା ଭର୍ତ୍ତି ବ୍ୟାଗଟି ଯାତ୍ରୀଙ୍କୁ ଫେରାଇ ଦିଆଯାଇଛି। ଘଟଣାରୁ ପ୍ରକାଶ, କୋରାପୁଟରେ ଥିବା ଏକ ଆଇସ୍‌କ୍ରିମ ଫ୍ୟାକ୍ଟ୍ରିରେ ପ୍ରଦୋଷ କାମ କରନ୍ତି। ସେ ତାଙ୍କର ୨ ମାସର ଦରମା ୩୦ ହଜାର ଟଙ୍କା ଧରି ଶନିବାର ହୀରାଖଣ୍ଡ ଏକ୍ସପ୍ରେସ ସାଧାରଣ ବଗିରେ କୋରାପୁଟରୁ କାଲୁପଡା ଘାଟ ଫେରୁଥିଲେ। ଟ୍ରେନଟି ବ୍ରହ୍ମପୁର ଷ୍ଟେଶନରେ କିଛି ସମୟ ପାଇଁ ରହିଥିଲା। ସେ ପାଣି ଆଣିବା ପାଇଁ ପ୍ଲାଟଫର୍ମରେ ଓହ୍ଲାଇଥିଲେ। ସେତିକିବେଳେ ଟ୍ରେନଟି ଛାଡି ଦେଇଥିଲା। ପରେ ଯାତ୍ରୀ ଜଣଙ୍କ ଏନେଇ ଆରପିଏଫରେ ଜଣାଇଥିଲେ। ଆରପିଏଫ ପୋଲିସ ଉକ୍ତ ଟ୍ରେନରେ ମୁତୟନ ହୋଇଥିବା ତାଙ୍କ ଷ୍ଟାଫଙ୍କୁ ଖବର ଦେଇଥିଲେ। ପରେ ଟ୍ରେନରେ ଯାତ୍ରୀଙ୍କ ସୁରକ୍ଷା ପାଇଁ ମୁତୟନ ହୋଇଥିବା ଆରପିଏଫ କର୍ମଚାରୀ ଛତ୍ରପୁର ନିକଟରୁ ଉକ୍ତ ବ୍ୟାଗ ଉଦ୍ଧାର କରି ଆଣି ଆରପିଏଫ ଥାନାଧିକାରୀଙ୍କୁ ହସ୍ତାନ୍ତର କରିଥିଲେ। ପ୍ରଦୋଷ ଆରପିଏଫ ଅଧିକାରୀଙ୍କଠାରୁ ବ୍ୟାଗ ଫେରି ପାଇବା ପରେ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।



ଆରପିଏଫ୍ କର୍ମଚାରୀ ଯାତ୍ରୀଙ୍କୁ ଫେରାଉଛନ୍ତି ଟଙ୍କା ଓ ବ୍ୟାଗ ।

## ବ୍ରହ୍ମପୁରରେ ଆଦର୍ଶ ବିବାହ

# ରକ୍ତଦେଲେ, ଶପଥ ନେଲେ

■ ବରଣମାଳା ହସ୍ତାନ୍ତର କଲେ ଦୁଇ ବିଧବା

■ ନ ଥିଲା ଜାତି, ଯୌତୁକ, ଜାତକ କି କର୍ମକାଣ୍ଡ

ବ୍ରହ୍ମପୁର ଅଫିସ୍,୨୦।୧୦

ବିବାହ କେବଳ ଦୁଇ ମଣିଷ ନୁହେଁ, ଦୁଇ ପରିବାର ମଧ୍ୟରେ ନୂଆ ସମ୍ପର୍କର ସେତୁ। ମଣିଷ ଜୀବନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଏହି ସମୟକୁ ସମସ୍ତେ ଚାହାନ୍ତି, ଅଧିକ ସ୍ମରଣୀୟ କରିବାକୁ । ଯାହା ସାରା ଜୀବନ ମନ ଫରୁଆରେ ସାଇତା ହୋଇ ରହିବ । କିଏ ବଡ଼ ଭୋଜି ଦିଏ ତ ପୁଣି ଆଉ କିଏ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ବିବାହ ଉତ୍ସବକୁ ଅଧିକରୁ ଅଧିକ ଆକର୍ଷଣୀୟ କରିଥାଏ । କିନ୍ତୁ ବ୍ରହ୍ମପୁରରେ ରବିବାର ଆୟୋଜିତ ହୋଇଥିବା ଏପରି ବିବାହ ଥିଲା ନିଆରା। ଜାକଜକମ ନ ଥିଲା, ବେଦୀ କି ପଡ଼ି ନ ଥିଲା ହସ୍ତଗଣ୍ଠି । ନ ଥିଲେ ପୁରୋହିତ କି ଶୁଭୁ ନ ଥିଲା ବୈଦିକ ମନ୍ତ୍ର ଉଚ୍ଚାରଣ। ଝିଅ, ପୁଅ ପରସ୍ପରକୁ ବରଣମାଳା ପିନ୍ଧାଇ ଥିଲେ, ଯାହାକୁ ଦୁଇଜଣ ବିଧବା ସେମାନଙ୍କୁ ହସ୍ତାନ୍ତର କରିଥିଲେ। ଉଭୟେ ରକ୍ତଦାନ କରିଥିଲେ । ସମ୍ବିଧାନକୁ ସାକ୍ଷୀ ରଖି ପରସ୍ପରକୁ ବିବାହ କରିଥିଲେ। ଜାତି, ଯୌତୁକ, ଜାତକ, କର୍ମକାଣ୍ଡ ବିହୀନ ଏହି ଆଦର୍ଶ ବିବାହକୁ ନେଇ ଏବେ ସବୁଆଡ଼େ ଚର୍ଚ୍ଚା ।

ବ୍ରହ୍ମପୁର ସହର ବୈଦ୍ୟନାଥେଶ୍ୱର ମନ୍ଦିର ନିକଟ କଲ୍ୟାଣ ମଣ୍ଡପରେ ଏହା ଆୟୋଜିତ ହୋଇଥିଲା। ବିପ୍ଲବ କୁମାର ଓ ଅନୀତା କୁମାରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଏହି ବିବାହ। ପରିବାରର ସମ୍ମତି କ୍ରମେ ଶନିବାର ଉଭୟଙ୍କର ବିବାହ ପଞ୍ଜୀକରଣ କରାଯାଇଥିଲା। ରବିବାର ଏକ ସାମାଜିକ ଉତ୍ସବ ଏବଂ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଉଭୟ ବର ଓ କନ୍ୟା ରକ୍ତଦାନ କରି ଶିବିରଟିକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୪୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଗତ ଜାନୁୟାରୀ ୨୫ରେ ନିଜ ପୁଅଙ୍କର ଏଭଳି ଆଦର୍ଶ ବିବାହ କରାଇଥିବା ବିଧୁପ୍ରଭା ଦେବୀ ଉଭୟ ବର ଓ ବଧୂଙ୍କୁ ବିବାହ ଶପଥ ପାଠ କରାଇଥିଲେ। ନବଦମ୍ପତି ସର୍ବପ୍ରଥମେ ବିଧବାଙ୍କଠାରୁ ଆଶୀର୍ବାଦ ନେବାପରେ ସେମାନଙ୍କୁ ନେଇ ଥିବା ସାମାଜିକ ଭ୍ରାନ୍ତ ଧାରଣାକୁ ଖଣ୍ଡନ କରିଥିଲେ। ଏପରିକି ସେମାନଙ୍କଠାରୁ ବରଣମାଳା ଗ୍ରହଣ କରିଥିଲେ । ବିପ୍ଲବଙ୍କ ପିତା ମୋହନ ରାଓ ମାନବବାଦୀ ହେତୁବାଦୀ ସଂଗଠନ, ଓଡିଶାର ସକ୍ରିୟ ସଦସ୍ୟ ଥିବା ହେତୁ ଏହି ପରି ଏକ ଆଦର୍ଶ ବିବାହ ଆୟୋଜନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ପାଖରେ ବିପ୍ଲବଙ୍କ ମା' ଏଲ. ଜାନକୀ ଏବଂ ଅନୀତାଙ୍କ ମା' କେ. ସୀତାମ୍ମା ଉପସ୍ଥିତ ଥିଲେ । ଏଥି ସହ ଏହି ଅବସରରେ 'ଆଦର୍ଶ ବିବାହର ସାମାଜିକ ଆବଶ୍ୟକତା' ଉପରେ ଏକ ଆଲୋଚନା ଚକ୍ର ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ପ୍ରଗତିଶୀଳ ବ୍ୟକ୍ତି ଯୋଗ ଦେଇଥିଲେ। ଉଚ୍ଚ, ନୀଚ ତଥା ସମସ୍ତ ପ୍ରକାରର ସାମାଜିକ ଭେଦଭାବ ଦୂରୀକରଣ ଦିଗରେ ଏହି ପରି ଆଦର୍ଶ ବିବାହ ଏକ ମାଇଲ ଖୁଣ୍ଟ ଓ ବହୁ ସଂଖ୍ୟାରେ ଏହି ପରି ବିବାହ ଆୟୋଜନ କରାଯିବା ଉଚିତ ବୋଲି ମତ ରଖିଥିଲେ ମାନବବାଦୀ ହେତୁବାଦୀ ସଂଗଠନ, ଓଡିଶାର ସଭାପତି ପ୍ର. ଧନେଶ୍ୱର ସାହୁ, ରାଜ୍ୟ ସମ୍ପାଦକ ଇଂ. ରାଜା ସୁରେଶ, ବାସନ୍ତୀ ଆଚାର୍ଯ୍ୟ, ରାଜବାଳା ତ୍ରିପାଠୀ, ମନ୍ଦାକିନୀ ପଣ୍ଡା, ବିଦ୍ୟୁପ୍ରଭା ରଥ, ମହମ୍ମଦ ସୁକୁରୁ, କିଶୋର ଚନ୍ଦ୍ର ମିଶ୍ର ପ୍ରମୁଖ । ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ଗଞ୍ଜାମ ଶାଖା ସଭାପତି ଇ. ଟି. ରାଓ, କେ. ନନ୍ଦେଶ୍ଵ ସେନାପତି, ପ୍ରତିମା ସାହୁ, ଜାମୁଲା ସୁରେଶ, ସୁନେଜ କୁମାର ପାଣିଗ୍ରାହୀ, ଭାଲଚନ୍ଦ୍ର ଷଢଙ୍ଗୀ, ସୁଶାନ୍ତ ପ୍ରଧାନ, ପ୍ରତାପ ଚନ୍ଦ୍ର ପ୍ରଧାନ, ଲକ୍ଷ୍ମୀ ନୃସିଂହ ରଥ, ବଂଶୀଧର ଦାଶ, ସୂର୍ଯ୍ୟନାରାୟଣ ସାହୁ, ପ୍ରତାପ ନାୟକ, ଚୂଡ଼ାମଣି, ବସଭା ରାଜୁ, ବିଜୟଲକ୍ଷ୍ମୀ, ବାଳକୃଷ୍ଣ, ନରେନ୍ଦ୍ର ମହାନ୍ତି, ଅମିର ସାହୁ ପ୍ରମୁଖ ସହଯୋଗ କରିଥିଲେ । ଏଭିବିଡ଼ି ଓଡ଼ିଶା ଓ ମାନବବାଦୀ ହେତୁବାଦୀ ସଂଗଠନ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଭିବିଡି ସମ୍ପାଦକ ସୁଶାନ୍ତ ଘୋଷ, କେ. ପୁରୁଷୋତ୍ତମ ସୁବୁଦ୍ଧି, ମନୋଜ କୁମାର ପାଢୀ, ବି. ଲକ୍ଷ୍ମୀ ନାରାୟଣ ପାତ୍ର, ବ୍ଲଡ୍ ବ୍ୟାଙ୍କର ଡା.ରଶ୍ମିତା ପାଣିଗ୍ରାହୀ, ବସନ୍ତ କୁମାର ବେହେରା, ରାମହରି ପଣ୍ଡା, ଚରଣ ଦେହୁରୀ, ନାଗ ଭୂଷଣ ପ୍ରଧାନ ରକ୍ତ ସଂଗ୍ରହ କରିଥିଲେ।


ନବଦମ୍ପତି ଅନୀତା ଏବଂ ବିପ୍ଲବ ରକ୍ତଦାନ କରୁଛନ୍ତି ।

# 'ନିଯୁକ୍ତି ସଂକଟ କବଳରେ ସାରା ଭାରତ'

ବ୍ରହ୍ମପୁର ଅଫିସ୍,୨୦।୧୦

କେନ୍ଦ୍ରରେ ମୋଦି ସରକାରଙ୍କ ତ୍ରୁଟିପୂର୍ଣ୍ଣ ଅର୍ଥନୀତି ଯୋଗୁ ଏବେ ଦେଶରେ ବେକାରି ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହା କ୍ରମଶଃ ଗୋଟିଏ ପରେ ଗୋଟିଏ ରାଜ୍ୟକୁ ବ୍ୟାପିବାରେ ଲାଗିଛି। ସାରା ଦେଶରେ ଏବେ ନିଯୁକ୍ତିକୁ ନେଇ ସଂକଟ ଦେଖାଦେଇଛି। ଯେଉଁଠି ଶ୍ରମିକମାନେ ଛଟେଇ ବିରୋଧରେ ବିକ୍ଷୋଭ କରୁଛନ୍ତି, ସେଠାରେ ପୋଲିସ ସହାୟତାରେ ଆନ୍ଦୋଳନକୁ ଦମନ କରାଯାଉଛି। ଏହାର ପ୍ରତିବାଦରେ ରବିବାର ସର୍ବଭାରତୀୟ ଶ୍ରମିକ ସଂଗଠନ 'ଇଫ୍‌ଟୁ', ଓଡ଼ିଶା ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ, ଓଡ଼ିଶା ନିର୍ମାଣ ଶ୍ରମିକ ମହାସଂଘ ନେତୃତ୍ୱରେ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ପୁରୁଣା ବସ୍‌ଷ୍ଟାଣ୍ଡରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ସଂଗଠନର ଅଭିଯୋଗ ହେଲା, ଦେଶର କ୍ରମ ବର୍ଦ୍ଧମାନ ଆର୍ଥିକ ସଙ୍କଟ ପରିପ୍ରେକ୍ଷୀରେ କଳ କାରଖାନା ବନ୍ଦ ହୋଇ ଲକ୍ଷ ଲକ୍ଷ ସଂଖ୍ୟାରେ ଶ୍ରମିକ ଏବଂ କର୍ମଚାରୀ ଛଟେଇ ହେଉଛନ୍ତି। ମୋଦି ସରକାର ଜାତୀୟ ସମ୍ପତ୍ତି ରୂପେ ପରିଚିତ ବ୍ୟାଙ୍କ, ରେଳ, ବିମାନ ବନ୍ଦର ଓ ପ୍ରତିରକ୍ଷା ଉତ୍ପାଦନ ଆଦି କ୍ଷେତ୍ରକୁ ଦେଶୀ ବିଦେଶୀ କର୍ପୋରେଟ୍‌ମାନଙ୍କୁ ଟେକି ଦେବାକୁ ଘରୋଇକରଣ ଆରମ୍ଭ କରିଥିବା ବେଳେ ଶ୍ରମ ସଂସ୍କାର ନାଁରେ ଶ୍ରମିକମାନଙ୍କ କଷ୍ଟାର୍ଜିତ ଶ୍ରମ ଅଧିକାରକୁ ଦୁର୍ବଳ କରିବାକୁ ଶ୍ରମ ଆଇନକୁ ଉଚ୍ଛେଦ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। କେନ୍ଦ୍ର ସରକାରଙ୍କ ପଦାଙ୍କ ଅନୁସରଣ କରି ବିଭିନ୍ନ ରାଜ୍ୟର ସରକାରମାନେ ଇତି ମଧ୍ୟରେ ଶ୍ରମିକ ଏବଂ କର୍ମଚାରୀଙ୍କ ଉପରେ ଆକ୍ରମଣ କରୁଛନ୍ତି। ନିକଟରେ ଭାଜପା ଶାସିତ ଉତ୍ତର ପ୍ରଦେଶ ସରକାର ଅର୍ଥାଭାବ ଆଳରେ ସେଠାକାର ଗୃହ ବିଭାଗରେ କାର୍ଯ୍ୟରତ ୨୫ ହଜାର ହୋମଗାର୍ଡ଼ଙ୍କୁ ଚାକିରିରୁ ଛଟେଇ କରିଛନ୍ତି। ସେହିଭଳି ତେଲେଙ୍ଗାନାର କେସିଆର୍ ସରକାର ସେଠାକାର ରାଜ୍ୟ ପରିବହନ ନିଗମରେ କାର୍ଯ୍ୟରତ ୪୮ ହଜାର କର୍ମଚାରୀଙ୍କୁ ଅତ୍ୟନ୍ତ ଅଗଣତାନ୍ତ୍ରିକ ଭାବେ ଚାକିରିରୁ ବହିଷ୍କାର କରିଛନ୍ତି। ନିଜର ବିଭିନ୍ନ ନ୍ୟାୟସଙ୍ଗତ ଦାବି ନେଇ ପରିବହନ କର୍ମଚାରୀମାନେ ଗତ ୧୫ ଦିନ ଧରି ଲଗାତର ଆନ୍ଦୋଳନ ଚଳାଇଛନ୍ତି। ପରିବହନ କର୍ମଚାରୀଙ୍କ ଏହି ଆନ୍ଦୋଳନକୁ ସମର୍ଥନ କରି ସେଠାକାର ବିରୋଧୀ ରାଜନୈତିକ ଦଳ ଓ ଶ୍ରମିକ ସଂଗଠନମାନଙ୍କ ତରଫରୁ ଶନିବାର ତେଲେଙ୍ଗାନାରେ ଦିନିକିଆ ବନ୍ଦ ପାଳନ କରାଯାଇଥିବା ବେଳେ ତେଲେଙ୍ଗାନା ସରକାର ବନ୍ଦକୁ ବିଫଳ କରିବା ପାଇଁ ବ୍ୟାପକ ପୋଲିସ ଦମନ କରିଥିଲେ। ଖାମାମ୍‌ରେ ସିପିଆଇ(ଏମଏଲ୍) ନିଉ ଡ଼େମୋକ୍ରାସୀ ଏବଂ ଇଫ୍‌ଟୁ ନେତୃତ୍ୱରେ ଶ୍ରମିକମାନେ ବନ୍ଦ ପାଳନ କରୁଥିବା ବେଳେ ପୋଲିସର ବର୍ବର ଲାଠି ଚାଳନା ଫଳରେ ରାଜ୍ୟ ସହ ସମ୍ପାଦକ ପୋଟୁ ରଙ୍ଗାରାଓଙ୍କ ସମେତ ଅନେକ ଶ୍ରମିକ ନେତା ଗୁରୁତର ଆହତ ହୋଇଥିଲେ। ପୋଲିସ ଲାଠି ମାଡ଼ରେ ରଙ୍ଗାରାଓଙ୍କ ହାତ ଭାଙ୍ଗି ଯାଇଥିବା ବେଳେ ବାମ ହାତର ବୃଦ୍ଧାଙ୍ଗୁଷ୍ଠି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ତେଲେଙ୍ଗାନା ସରକାରଙ୍କ ଶ୍ରମିକ ବିରୋଧୀ ନୀତି ଏବଂ ଦମନ ଅତ୍ୟାଚାରକୁ ଶ୍ରମିକ ନେତାମାନେ ସମାଲୋଚନା କରିଥିଲେ। ଇଫ୍‌ଟୁର ରାଜ୍ୟ ଆବାହକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବରିଷ୍ଠ ବାମପନ୍ଥୀ ନେତା ଭାଲଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ଇଫ୍‌ଟୁ ରାଜ୍ୟ କମିଟି ସଦସ୍ୟ ଏ. ଚୂଡ଼ାମଣି, ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାରଣା, ଆଉଟ୍‌ସୋର୍ସିଂ ପୌର କର୍ମଚାରୀ ସଂଘ ନେତା ରବି ସାହାଣୀ, ନିର୍ମାଣ ଶ୍ରମିକ ମହାସଂଘ ଜିଲା ସମ୍ପାଦକ କବିରାଜ ବେହେରା, ମାନ୍ନା ଟ୍ରଷ୍ଟ ଶ୍ରମିକ ସଂଘ ସମ୍ପାଦିକା ସରସ୍ୱତୀ ନାହାକ ଓ ପି. ରତ୍ନାଲୁ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଲକ୍ଷ୍ମୀନୃସିଂହ ରଥ ଧନ୍ୟବାଦ ଅର୍ପଣ କରିଥିଲେ।



ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସଂକ୍ଷେପରେ

### ମୃତ ଡାକ୍ତରଙ୍କ ଶରୀର ଦାନ କଲେ ପରିବାର ବର୍ଗ



ବ୍ରହ୍ମପୁର ଅଫିସ୍,୨୦।୧୦: ବ୍ରହ୍ମପୁର ଭାବାନଗର ବାସିନ୍ଦା ଡା. ଗୌର ଚନ୍ଦ୍ର ଚୌଧୁରୀ (୭୮)ଙ୍କର ରବିବାର ସକାଳେ ପରଲୋକ ହୋଇଛି । ମୃତ୍ୟୁ ପରେ ତାଙ୍କ ଶେଷ ଇଚ୍ଛା ମୁତାବକ ଶରୀର ଏବଂ ଚକ୍ଷୁକୁ ବ୍ରହ୍ମପୁର ବଡମେଡିକାଲକୁ ଦାନ କରାଯାଇଛି । ପୂର୍ବରୁ ସେ ଏନେଇ ଇଚ୍ଛା ପ୍ରକାଶ କରିଥିଲେ । ମୃତ୍ୟୁ ପରେ ପରିବାର ବର୍ଗ ତାଙ୍କର ଶେଷ ଇଚ୍ଛା ପୂରଣ କରିଛନ୍ତି । ଏମ୍‌କେସିଜି ଆନାଟୋମୀ ବିଭାଗକୁ ଡା. ଚୌଧୁରୀଙ୍କ ମରଶରୀର ହସ୍ତାନ୍ତର କରାଯାଇଥିଲା । ଏହା ଡାକ୍ତରୀ ପଢୁଥିବା ଛାତ୍ରୀଛାତ୍ରଙ୍କ ଗବେଷଣ କାର୍ଯ୍ୟରେ ବ୍ୟବହାର କରାଯିବ । ପେସାରେ ନିଜେ ଜଣେ ଡାକ୍ତର ହୋଇଥିବାରୁ ସେ ନିଜ ଶରୀର ଦାନ ପାଇଁ ଦୀର୍ଘ ବର୍ଷ ହେଲା ଇଚ୍ଛା ପ୍ରକାଶ କରିଥିଲେ । ଶରୀର ଦାନ ସମୟରେ ପୁଅ ଶୁଭେନ୍ଦୁ ଚୌଧୁରୀ ଏବଂ ଜ୍ୱାଇଁ ସତ୍ୟଜିତ ପାଣିଗ୍ରାହୀଙ୍କ ସମେତ ଆନାଟୋମୀ ବିଭାଗର ଡାକ୍ତର ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ । ସ୍ୱର୍ଗତ ଡା. ଚୌଧୁରୀ ଏମ୍‌କେସିଜି, କଟକ ବଡ଼ ମେଡ଼ିକାଲ୍ ଏବଂ ବୁର୍ଲା ବଡ଼ ମେଡ଼ିକାଲ୍‌ରେ ନିଶ୍ଚେତକ ବିଶେଷଜ୍ଞ ଭାବେ କାର୍ଯ୍ୟ କରିବା ପରେ ଅବସର ନେଇଥିଲେ ।

### ଇଗ୍ନୋର ପ୍ରତିଷ୍ଠାନ କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୨୦।୧୦-ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରସ୍ଥ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୋ) ଶିକ୍ଷାଦାନ କେନ୍ଦ୍ର ପ୍ରତିଷ୍ଠାନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷା ଉତ୍ତମା ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ମୁକ୍ତ ବିଶ୍ୱବିଦ୍ୟାଳୟର ଉପାଦେୟତା ଉପରେ ଆଲୋକପାତ କରିଥିଲେ । ଶିକ୍ଷାକେନ୍ଦ୍ର ସଂଯୋଜକ ଡ. ସତ୍ୟନାରାୟଣ କୁଣ୍ଡୁ ନୂତନ ଶିକ୍ଷା ପ୍ରଣାଳୀ ଉପରେ ଆଲୋଚନା କରିଥିଲେ । ଇଗ୍ନୋ ଚେନ୍ନାଇ କେନ୍ଦ୍ରର ପୂର୍ବତନ ସଂଯୋଜକ ଡ. ସଦାନନ୍ଦ ପାତ୍ର ଯୋଗଦେଇ ନୂତନ ଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ । କେନ୍ଦ୍ର ସହ ସଂଯୋଜକ ସୁଶୀଲ କୁମାର ରାଥୋଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ମନୋଜ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ । ଏଥିରେ ୧୫୦୦ ଛାତ୍ରୀଛାତ୍ର ଭାଗ ନେଇଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ମାଲେସିଆରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିବେ କଳାକାର

ବ୍ରହ୍ମପୁର ଅଫିସ୍,୨୦।୧୦

ବ୍ରହ୍ମପୁରର ଅଗ୍ରଣୀ ନୃତ୍ୟାନୁଷ୍ଠାନ ଅଙ୍ଗାହାର ନୃତ୍ୟାୟନକୁ ସୁଦୂର ମାଲେସିଆରୁ ଡାକରା ଆସିଛି । ଆସନ୍ତା ୨୪ତାରିଖରେ ମାଲେସିଆର ଲେବ୍ହୁ ଅମ୍ପାଙ୍ଗ ଶିରିଡ଼ି ସାଇ କେନ୍ଦ୍ରଠାରେ ଅଙ୍ଗାହାର ନୃତ୍ୟାୟନର କଳାକାରମାନେ ଓଡ଼ିଶୀ ନୃତ୍ୟ 'ନବ ଦୁର୍ଗା' ପରିବେଷଣ କରିବେ। ଶିରିଡ଼ି ସାଇବାବା ସୋସାଇଟି ଅଫ୍ ମାଲେସିଆ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। କାର୍ଯ୍ୟକ୍ରମରେ ଭାଗନେବା ପାଇଁ କଳାକାରମାନେ ମାଲେସିଆ ଯାତ୍ରା କରିଛନ୍ତି। ମାଲେସିଆରେ କଳାକାରମାନେ ୨୮ତାରିଖ ପର୍ଯ୍ୟନ୍ତ ରହି ଅନ୍ୟ କେତେକ କାର୍ଯ୍ୟକ୍ରମରେ ମଧ୍ୟ ଭାଗନେବାର କାର୍ଯ୍ୟସୂଚୀ ରହିଛି । ଗୁରୁ ଜୟନ୍ତ କୁମାର ଆଚାର୍ଯ୍ୟଙ୍କ ସହ ଗାୟତ୍ରୀ ଶତପଥୀ, ଜାଗ୍ରିତି ଆଚାର୍ଯ୍ୟ, ଅନୁଷ୍କା ମହାନ୍ତି, ଆକାଂକ୍ଷା ମିଶ୍ର, ମୂର୍ତ୍ତି ପ୍ରଗତି ଏବଂ ଅନ୍ୱେଷା ସାହୁ ପ୍ରମୁଖ ଦଳରେ ସାମିଲ ଅଛନ୍ତି।

## ମହାନଗର ପୁସ୍ତକ ମେଳା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୨୦।୧୦

ଗଞ୍ଜାମ ଜିଲା ପୁସ୍ତକ ମେଳା କମିଟି ପକ୍ଷରୁ ଆୟୋଜିତ ହେବାକୁ ଥିବା ବ୍ରହ୍ମପୁର ପୁସ୍ତକ ମେଳା ଉପଲକ୍ଷେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେସି ପବ୍ଲିକ ସ୍କୁଲରେ କନିଷ୍ଠ, ବରିଷ୍ଠ ବର୍ଗରେ ବକ୍ତୃତା, ପ୍ରବନ୍ଧ, ସାଧାରଣଜ୍ଞାନ, ଚିତ୍ରାଙ୍କନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ସହର ବିଭିନ୍ନ ବିଦ୍ୟାଳୟର ପଞ୍ଚମରୁ ଦଶମ ଶ୍ରେଣୀର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କପିଳ ଚନ୍ଦ୍ର ମହାନ୍ତି, ସୁନନ୍ଦା ସାହୁ, ସୁଧୀର କୁମାର ପଣ୍ଡା, ସୁଧାଞ୍ଜଳି ମିଶ୍ର, ସାଗରିକା ତ୍ରିପାଠୀ ଓ ଦୀପ୍ତିଲେଖା ମିଶ୍ର ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ବରିଷ୍ଠ ବର୍ଗରେ ବକ୍ତୃତା ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆଶୁତୋଷ ପ୍ରହରାଜ ପ୍ରଥମ ହୋଇଥିବା ବେଳେ କନିଷ୍ଠରେ ଯୋଗଜନ୍ମା ପାଣିଗ୍ରାହୀ ପ୍ରଥମ ହୋଇଛନ୍ତି। ସେହିପରି ସାଧାରଣ ଜ୍ଞାନରେ ରିତେଶ କୁମାର ବିଶ୍ୱାଳ ପ୍ରଥମ ହୋଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ନଭେମ୍ବର ୮ରୁ ଆରମ୍ଭ ହେବାକୁ ଥିବା ମହାନଗର ପୁସ୍ତକ ମେଳାର ଉଦ୍‌ଘାଟନୀ ଉତ୍ସବରେ କନିଷ୍ଠ ବର୍ଗ ଓ ଉଦ୍‌ଯାପନୀ ଦିବସରେ ବରିଷ୍ଠ ବର୍ଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବାକୁ ନେଇ କମିଟି ସଭାପତି କବି ସୁଶାନ୍ତ ଦାଶ ସୂଚାଇଛନ୍ତି। ଅଜିତ କୁମାର ସାବତ, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ସତ୍ୟମ୍ ଆଚାରୀ, ନୀହାର ରଞ୍ଜନ ଦାଶ, ନରେଶ ବେହେରା ଓ ବାଲ୍ମିକୀ ମହାପାତ୍ର ପ୍ରମୁଖ ପ୍ରତିଯୋଗୀତା ପରିଚାଳନାରେ ସହଯୋଗ କରିଥିଲେ।


ପ୍ରତିଯୋଗୀ ବକ୍ତୃତା ପ୍ରଦାନ କରୁଛନ୍ତି ।

## ଶିବିରରେ ୮୦ ୟୁନିଟ୍ ରକ୍ତ ସଂଗ୍ରହ

ବ୍ରହ୍ମପୁର ଅଫିସ୍,୨୦।୧୦

ମହୁରୀ ମଣ୍ଡଳ ହଳଦିଆ ତୈଳିକ ବୈଶ୍ୟ ସମାଜର ଏକ ରକ୍ତଦାନ ଶିବିର ରବିବାର ପାଣିଗ୍ରାହୀପେଣ୍ଠ ଦଣ୍ଡକାଳୀ ମନ୍ଦିର କଲ୍ୟାଣ ମଣ୍ଡପରେ ଆୟୋଜିତ ହୋଇଯାଇଛି। ଏଥିରେ ମହୁରୀ ମଣ୍ଡଳର ସମସ୍ତ ଅଞ୍ଚଳର ସଭ୍ୟମାନେ ଭାଗ ନେଇଥିଲେ। ଶିବିରରେ ମୋଟ ୮୦ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ବିଧାୟକ ବିକ୍ରମ ପଣ୍ଡା, ଭାଜପା ଜିଲା ସଭାପତି କାହ୍ନୁଚରଣ ପତି, ବ୍ୟବସାୟୀ କବିରାଜ ସାହୁ, ଶିବରାମ ସାହୁ, ନାରାୟଣ ସାହୁ, ସିଦ୍ଧାନ୍ତ ଗଙ୍ଗଦେବ, ଏନ୍.ରାଜେନ୍ଦ୍ର କୁମାର ଓ ଚିନ୍ମୟାନନ୍ଦ ମହାରାଜ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଆଇନଜୀବୀ ତଥା ସମାଜିକ କର୍ମୀ ପ୍ରଦୀପ କୁମାର ବେହେରା ରକ୍ତଦାନ ସମ୍ପର୍କରେ ବୁଝାଇଥିଲେ। ମହୁରୀ ମଣ୍ଡଳ କେନ୍ଦ୍ରୀୟ ସଭାପତି କୀର୍ତ୍ତନ ସାହୁ, ଉପସଭାପତି ପର୍ଶୁରାମ ସାହୁ, ସମ୍ପାଦକ ଗୋପୀନାଥ ସାହୁ, ବସନ୍ତ କୁମାର ସାହୁ, କିରଣ କୁମାର ସାହୁ, ମଧୁସୂଦନ ସାହୁ ଓ ରବୀନ୍ଦ୍ର କୁମାର ପ୍ରଧାନ ଶିବିରକୁ ପରିଚାଳନା କରିଥିଲେ । ରକ୍ତ ଭଣ୍ଡାର ସଂଯୋଜକ ସୁଶାନ୍ତ କୁମାର ପାଣିଗ୍ରାହୀ, ଗୋପାଳକୃଷ୍ଣ ପଣ୍ଡା, ଡି.କ୍ରିଷ୍ଣା ରେଡ୍ଡୀ, ନନ୍ଦଗୋପାଳ ଦେଓ, ଡମ୍ବରୁ ବାହାଦୁର ଓ ବାବୁନୀ ବେହେରା ରକ୍ତ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବିନ୍ କୁମାର ସାହୁ, ବ୍ରହ୍ମାନନ୍ଦ ସାହୁ, ମନୋଜ ମହାରଣା, ନରସିଂହ ସାହୁ ଓ କିଷନ୍ ମୂର୍ତ୍ତିଙ୍କ ସମେତ ବହୁ ଯୁବକ ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ଗୋପୀନାଥ ସାହୁ ଧନ୍ୟବାଦ ଦେଇଥିଲେ।

## କଙ୍ଗାରୁ କୋର୍ଟରେ ଶିକ୍ଷୟିତ୍ରୀଙ୍କ ପରିବାରକୁ ବାସନ୍ଦ ଘଟଣା

### ଭିଡିଓ ଭାଇରାଲ ପରେ ଗାଁ କମିଟି ବୈଠକ

ହିଞ୍ଜିଳିକାଟୁ,୨୦।୧୦(ଡ଼ି.ଏନ୍.ଏ.)

ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ବଡ଼ଖଣ୍ଡି ଗ୍ରାମ କମିଟି ନିଷ୍ପତ୍ତି କରି ଗ୍ରାମର ଏକ ପରିବାରକୁ ବାସନ୍ଦ କରିବା ଘଟଣାରେ ରବିବାର ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ବାସନ୍ଦ ପରିବାର ପକ୍ଷରୁ ସୋସିଆଲ ମିଡ଼ିଆରେ ଭିଡ଼ିଓ ଜାରି ଓ ଏହାକୁ ନେଇ ଖବର ପ୍ରକାଶ ପରେ ବଡ଼ଖଣ୍ଡି ଗ୍ରାମ୍ୟ କମିଟି ପକ୍ଷରୁ ରବିବାର ମଧ୍ୟାହ୍ନରେ ଏକ ବୈଠକ ବସିଥିଲା। ଗ୍ରାମର ନାଡ଼ି ଭଗବାନଙ୍କ ପରିବାରକୁ ବାସନ୍ଦ କରାଯାଇନାହିଁ। ଭଗବାନଙ୍କ ପରିବାର ବହୁ ଦିନ ଧରି ଗ୍ରାମରେ ଅନୁପସ୍ଥିତ ରହିଛନ୍ତି ଏବଂ ସେମାନେ ଗ୍ରାମରେ ରହିଲେ ଗ୍ରାମବାସୀଙ୍କ କୌଣସି ଆପତ୍ତି ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଏନେଇ ୧୨ଜଣ ଗ୍ରାମବାସୀଙ୍କ ସ୍ୱାକ୍ଷର ଥିବା ଚିଠି ରବିବାର ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ବୈଠକରେ ନିଜେ ଏସ୍‌ଡ଼ିପିଓ ପ୍ରଧାନଙ୍କ ସମେତ ବ୍ଲକ ଅଧ୍ୟକ୍ଷ ଏନ୍. ରଘୁନାଥ, ସରପଞ୍ଚ କେ. ଦୁର୍ଗା ପ୍ରସାଦ ରାଓ, ଗ୍ରାମବାସୀଙ୍କ ମଧ୍ୟରେ କେ. ଗୁରୁନାଥ, ଏସ. ରବୀନ୍ଦ୍ର, ପି. ଭୀମରାଜୁ, ପି. ଦୀନବନ୍ଧୁ ପ୍ରମୁଖ ଉପସ୍ଥିତ ଥିଲେ।

#### ବାସନ୍ଦ ଘଟଣାକୁ ଖଣ୍ଡନ

ପ୍ରକାଶ ଯେ, ଗ୍ରାମର ନାଡ଼ି ଭଗବାନ ଓ ତାଙ୍କ ସ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଶୁକ୍ରବାର ଏକ ଭିଡ଼ିଓରେ ମୁଖ୍ୟମନ୍ତ୍ରୀ, ପୋଲିସ ଓ ଗ୍ରାମବାସୀଙ୍କୁ ବାସନ୍ଦ ଉଠାଇବା ଓ ଗ୍ରାମରେ ଶାନ୍ତିରେ ବସବାସ ପାଇଁ ସୁଯୋଗ ଦେବାକୁ ନେହୁରା ହୋଇ ଭିଡ଼ିଓ କରିଥିଲେ। ଏହା ଭାଇରାଲ ପରେ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଫଳରେ ପ୍ରଶାସନିକ କଳ ସହ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।


ବଡ଼ଖଣ୍ଡି ଗ୍ରାମରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ବ୍ୟକ୍ତି।

## ବାଲୁଙ୍କେଶ୍ୱର ବାଣ ବଜାର ସିଲ୍‌କଲା ପୋଲିସ

### ୪୬ ବ୍ୟବସାୟୀଙ୍କୁ ହାଜର ନୋଟିସ

ବ୍ରହ୍ମପୁର ଅଫିସ,୨୦।୧୦

ଗଞ୍ଜାମ ଜିଲା ବ୍ରହ୍ମପୁରରରେ ଥିବା ବାଲୁଙ୍କେଶ୍ୱର ବାଣ ବଜାରକୁ ରବିବାର ରାତିରେ ପୋଲିସ ସିଲ୍ କରିଛି। ବେପାରୀମାନେ ବେଆଇନ ଭାବେ ବାଣ ମହଜୁଦ ରଖିବା ସହ ବିକ୍ରି କରୁଥିବା ଖବର ଚଢାଉ କରିଥିଲା। ପୋଲିସକୁ ଦେଖି ବ୍ୟବସାୟୀମାନେ ଦୋକାନ ବନ୍ଦକରି ଚାଲିଯାଇଥିଲେ। ପରେ ବାଣ ବଜାର ନିଜ ହେପାଜତକୁ ନିଆଯାଇଛି ବୋଲି ବ୍ରହ୍ମପୁର ଏସ୍‌ଡ଼ିପିଓ ବିଷ୍ଣୁ ପ୍ରସାଦ ପତି ସୂଚନା ଦେଇଛନ୍ତି। ଏପରିକି ୪୬ ବ୍ୟବସାୟୀଙ୍କୁ ଥାନାରେ ହାଜର ହେବାକୁ ନୋଟିସ ଜାରି କରାଯାଇଛି ବୋଲି ସେ କହିଛନ୍ତି । ଏହାକୁ ପୋଲିସ ଜଗିରହିଛି। ସୋମବାର ସକାଳେ ଫୋର୍ସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବେଆଇନ ଭାବେ ରଖାଯାଇଥିବା ବାଣ ଯାଞ୍ଚ ପରେ ସିଲ କରାଯିବ ବୋଲି ଏସ୍‌ଡ଼ିପିଓ ପତି ସୂଚନା ଦେଇଛନ୍ତି।

## ଜ୍ଞାନ ବିଜ୍ଞାନ ମେଳା, କଣ୍ଢେଇ ସଭା ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୨୦।୧୦

ଶିବାନନ୍ଦନଗର ସ୍ଥିତ ମା' ସରସ୍ୱତୀ ବିଦ୍ୟାମନ୍ଦିରରେ ରବିବାର ଜ୍ଞାନ ବିଜ୍ଞାନ ମେଳା ଏବଂ କଣ୍ଢେଇ ସଭା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପ୍ରାୟ ୨୫୦ରୁ ଅଧିକ ସୁସଜ୍ଜିତ କଣ୍ଢେଇମାନଙ୍କ ପ୍ରଦର୍ଶନ କରାଯାଇଥିଲା। ରୋବୋଟିକ୍ ଥିଲା ମେଳାର ଅନ୍ୟତମ ଆକର୍ଷଣ । ମୁଖ୍ୟଅତିଥି ଭାବେ ହିଞ୍ଜିଳିକାଟୁ ବିଜ୍ଞାନ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ମୁଖ୍ୟ ଡ. ରମେଶ ଚନ୍ଦ୍ର ରାଉଳ, ସମ୍ମାନିତ ଅତିଥି ବିଜ୍ଞାନ ଅଧ୍ୟାପକ ଡ. କେଶବ ଚନ୍ଦ୍ର ଷଡ଼ଙ୍ଗୀ, ରଙ୍ଗେଇଲୁଣ୍ଡା ସହାୟକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ପାଢୀ, ଇଞ୍ଜିନିୟର ପ୍ରଦୀପ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଜ୍ଞାନ ନାରାୟଣ ପାଠୀ, ସହ ସମ୍ପାଦକ ଜୟରାମ ସ୍ୱାଇଁ, ପ୍ରତିଷ୍ଠାତା ଗୌରୀଶଙ୍କର ପାତ୍ର, ଉପଦେଷ୍ଟା କେଦାର ଚରଣ ପଣ୍ଡା ପରିଚାଳନା କରିଥିଲେ । ୧୦ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ଯୋଗଦେଇ ମୂଲ୍ୟାୟନ କରିଥିଲେ । ପ୍ରଧାନ ଆଚାର୍ଯ୍ୟା ମମତା କୁମାରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ । ଏନ୍. ତନୁଜା ଚୌଧୁରୀ, ଡାଇମଣ୍ଡ ଟ୍ୟାଙ୍କ ରୋଡ୍‌ସ୍ଥିତ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ବଳରାମ ସାହୁଙ୍କ ସମେତ ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।


କଣ୍ଢେଇ ସଭାରେ ବିଭିନ୍ନ ବେଶଭୁଷାରେ ଛାତ୍ରୀଛାତ୍ରମାନେ।

## ୱାଇଏସ୍‌ଡିର 'ଗୋଷ୍ଠୀ ସହଭାଜନ' କର୍ମଶାଳା

### ସୁସ୍ଥ ଶରୀର ପାଇଁ ନିୟମିତ ବ୍ୟାୟାମ ଆବଶ୍ୟକ

ବ୍ରହ୍ମପୁର ଅଫିସ,୨୦।୧୦

ଗ୍ରୀନ ଆକ୍ସନ ୱିକ୍ ପାଳନ ଅବସରରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂସ୍ଥା ୟୁଥ୍ ଫର ସୋସିଆଲ ଡେଭଲପମେଣ୍ଟ (ୱାଇଏସ୍‌ଡି) ପକ୍ଷରୁ ଏକ ଦିବସୀୟ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି । ବର୍ତ୍ତମାନର ଆଧୁନିକ ଢାଞ୍ଚା, ଚାଲିଚଳନ, ଖାଦ୍ୟପେୟ ଯୋଗୁ ଭାରତର ୮୦ ପ୍ରତିଶତ ଲୋକ ମେଦବହୁଳତାର ଶିକାର ହେଉଛନ୍ତି । ତେଣୁ ସୁସ୍ଥ ସ୍ୱାସ୍ଥ୍ୟ, ସୁସ୍ଥ ଜୀବନଯାପନ ପାଇଁ ନିୟମିତ ଶାରୀରିକ ବ୍ୟାୟାମ ଓ ଅଖାଦ୍ୟ ପରିତ୍ୟାଗ କରିବାକୁ ହେବ ବୋଲି ରବିବାର ଏକ ହୋଟେଲରେ ଆୟୋଜିତ କର୍ମଶାଳାକୁ ଉଦ୍‌ଘାଟନ କରି ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଏହା କହିଛନ୍ତି । ଏଥିସହ ସବୁଜ, ସୁସ୍ଥ, ଭୟମୁକ୍ତ ସହରରେ ପରିଣତ କରିବା ଦିଗରେ ସଙ୍କଳ୍ପ ନେବାକୁ ସେ ଆହ୍ୱାନ ଦେଇଥିଲେ । ୱାଇଏସ୍‌ଡିର ମୁଖ୍ୟ ବିଭୁ ପ୍ରସାଦ ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଇକୋ କ୍ଲବ ସଂଯୋଜକ ଶଙ୍କର ନାରାୟଣ ବେଜ, ରବିନହୁଡ ଆର୍ମିର ବିଜୟ ବାଗାରିୟା, ସବୁଜ ବାହିନୀର ଏମ୍. ଦିଲୀପ, ଆଞ୍ଚଳିକ ବିକାଶ ପରିଷଦର ସାଗର କୁମାର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପରିବେଶ ଉପରେ କୁପ୍ରଭାବ ପକାଉଥିବା ଦ୍ରବ୍ୟ ଉତ୍ପାଦନକୁ ହ୍ରାସ କରିବା ସହ ଦାୟିତ୍ୱହୀନ ବ୍ୟବହାରରେ ରୋକ ଲଗାଇବା, ପରିବେଶର ସୁରକ୍ଷା ପାଇଁ ଦାୟୀତ୍ୱବାନ କ୍ରୟ ଓ ଉତ୍ପାଦନ କରିବା, ବର୍ଜ୍ୟବସ୍ତୁ କମାଇବା ସହ ପ୍ଲାଷ୍ଟିକ୍ ଆଦିର ବ୍ୟବହାର କମ କରିବା, ଜୈବିକ ଖାଦ୍ୟ ବ୍ୟବହାର ଉପରେ କର୍ମଶାଳାରେ ଗୁରୁତ୍ୱ ଦିଆଯାଇଥିଲା । ସତତ ବିକାଶ ଲକ୍ଷ୍ୟ-୨୦୨୦ ଉପରେ ଆଧାରିତ ଏହି କର୍ମଶାଳାରେ ମନୁଷ୍ୟର ସ୍ୱାସ୍ଥ୍ୟ ତଥା ଜୀବନଧାରଣର ମାନରେ ଉନ୍ନତି କରିବା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥଲେ। ବ୍ରହ୍ମପୁର ସହରବାସୀଙ୍କ ଉନ୍ନତ ସ୍ୱାସ୍ଥ୍ୟ ସହ ଜୀବନଧାରଣ ମାନର ବିକାଶରେ ଗୋଷ୍ଠୀ ସହଭାଜନ(ସେରିଂ କମ୍ୟୁନିଟି) ଆବଶ୍ୟକତା ଉପରେ ୱାଏସଡିର ମୁଖ୍ୟ ସାହୁ ବିସ୍ତୃତ ଭାବେ ଅବଗତ କରାଇଥିଲେ। ବର୍ତ୍ତମାନ ସମୟରେ ମନୁଷ୍ୟ ଦ୍ରବ୍ୟ ଓ ସେବା ବଣ୍ଟନ ପାଇଁ ବିଭିନ୍ନ ସମୟରେ ଗୋଷ୍ଠୀ ସହଭାଜନ ପ୍ରକ୍ରିୟାକୁ ଆପଣାଉଛନ୍ତି । ଅନ୍‌ଲାଇନରେ କାହାଣୀ, ଫଟୋ ଶେୟାର କରିବାଠାରୁ ଆରମ୍ଭ କରି ଭୌତିକ ଜିନିଷଗୁଡିକୁ ସେୟାର/ଭାଗ କରୁଛନ୍ତି । ଏପରିକି ବାସଗୃହ, ଯାନବାହନ, ଗୃହ ଉପକରଣ, ଆସବାବପତ୍ର ଆଦି ପରସ୍ପର ମଧ୍ୟରେ ଭାଗ କରୁଥିବା ଲକ୍ଷ୍ୟ କରାଯାଉଛି। ବର୍ତ୍ତମାନ ଅନେକ ବୃହତ୍ ମେଟ୍ରୋସିଟିରେ ବାସ କରୁଥିବା ଲୋକମାନେ ଗୋଷ୍ଠୀ ସହଭାଜନ ପଦ୍ଧତିକୁ ଆପଣାଉଥିବା ନେଇ ବକ୍ତାମାନେ କହିଥିଲେ । ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟରତ ବ୍ରହ୍ମପୁର ସବୁଜବାହିନୀ, ଆଞ୍ଚଳିକ ବିକାଶ ପରିଷଦ, ରବିନ ହୁଡ ଆର୍ମୀ, ଟିମ କ୍ଲିନ ସିଟି, ମାରୱାଡ଼ି ମହିଳା ସମିତି, ମହାତ୍ମା ହେଲ୍ପିଂ କ୍ଲବ, ରେସିଡେନ୍ସ ୱେଲଫେର ଆସୋସିଏଶନର କର୍ମକର୍ତ୍ତା ଯୋଗଦେଇ ଶେୟାରିଂ କମ୍ୟୁନିଟି(ଗୋଷ୍ଠୀ ସହଭାଜନ)କୁ କାର୍ଯ୍ୟକାରୀ ଓ ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଦସ୍ତଖତ ଅଭିଯାନ ହୋଇଥିଲା । କାର୍ଯ୍ୟକ୍ରମକୁ ୱାଇଏସ୍‌ଡିର ଚନ୍ଦନ କୁମାର ସାହୁ, ଅଭିରାମ କହଁର ପରିଚାଳନା କରିଥିବା ବେଳେ ସୃତି କୁମାରୀ ସାହୁ ଓ ଦିବ୍ୟ ଭଞ୍ଜନୀ ସାସମଲ ପ୍ରମୁଖ ସହଯୋଗ କରିଥିଲେ ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ବ୍ୟକ୍ତି ବିଶେଷ ।

## ସଂକ୍ଷେପରେ

### ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ

କୋଦଳା,୨୦।୧୦(ଡି.ଏନ.ଏ.) : କୋଦଳା ସ୍ୱର୍ଣ୍ଣମୟୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ତହସିଲଦାର ପ୍ରଭାତ କୁମାର ପରିଡ଼ା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ଡ.ପଦ୍ମ ଚରଣ ପାଢ଼ୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବେଗୁନିଆପଡା ବ୍ଲକ ବିଇଓ କମଳାକାନ୍ତ ସାହୁ, ଏବିଓ ରବି ନାରାୟଣ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ପ୍ରଧାନ, ପ୍ରଧାନ ଶିକ୍ଷକ ଉମାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅଞ୍ଚଳର ୧୧ ବିଦ୍ୟାଳୟର ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ତାହା ମଧ୍ୟରୁ ୮୫ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହୋଇଥିଲେ। ଏଥିରେ ସିଆର୍‌ସିସି ଅଶ୍ୱିନୀ କୁମାର ପ୍ରହରାଜ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### କାଳୀପୂଜା ପାଇଁ ପ୍ରତିଯୋଗିତା

ଭଞ୍ଜନଗର,୨୦।୧୦(ଡି.ଏନ.ଏ): ଭଞ୍ଜନଗର ହାର୍ଟନଗରରେ ବନ ବିଭାଗ ପକ୍ଷରୁ କାଳୀପୂଜା ପାଳିତ ହେଉଛି । ଏନେଇ ପୂଜା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ତେଣୁ ଏହାପୂର୍ବରୁ ସଙ୍ଗୀତ ପ୍ରତିଯୋଗୀତା ରବିବାର ସ୍ଥାନୀୟ ବନ ବିଭାଗ ଡ଼ାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ ପୂଜା ମଣ୍ଡପ ସମ୍ମୁଖରେ ମଧ ଭଜନ ପରିବେଷଣ କରିବେ । ପ୍ରତିଯୋଗିତାର ବିଚାରକ ଭାବେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେଉରା, ଏସିଏଫ୍ ସୁଦର୍ଶନ ବାଦୀ, ଶୂଳପାଣି ଶତପଥୀ, ଅଶୋକ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

### ବ୍ଲକସ୍ତରୀୟ ନିଯୁକ୍ତି ମେଳା

ହାତୀଓଟ,୨୦।୧୦-ପୋଲସରା ବ୍ଲକ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ନିଯୁକ୍ତି ମେଳା ବିଡିଓ ଶମ୍ଭୁନାଥ ନନ୍ଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବ୍ଲକ ଅଧକ୍ଷ ବଳରାମ ସେଠୀ ଉଦ୍ଘାଟନ କରିଥିଲେ। ଏହି ମେଳାରେ ଗ୍ରାମାଞ୍ଚଳର ବେକାର ଯୁବତୀ, ଯୁବକମାନେ କିପରି ରୋଜଗାରକ୍ଷମ ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଏହି ମେଳା ୨ ପର୍ଯ୍ୟାୟରେ କରାଯିବା ପରିପ୍ରେକ୍ଷୀରେ ଶନିବାର ପ୍ରଥମ ପର୍ଯ୍ୟାୟ ଆୟୋଜିତ ହୋଇଥିଲା। ଏଥିରେ ବ୍ଲକର ୧୩ ଗ୍ରାମପଞ୍ଚାୟତର ୩୩୦ ଜଣ ବେକାର ଯୁବତୀ ଯୁବକମାନେ ପହଞ୍ଚି ନାମ ପଞ୍ଜୀକୃତ କରିଥିଲେ। ସେମାନଙ୍କ ମଧ୍ୟରୁ ୨୮୦ ଜଣଙ୍କୁ ୧୨ଟି କମ୍ପାନୀଗୁଡ଼ିକ ଦ୍ୱାରା ଚୟନ କରାଯାଇଥିଲା। ଶିବିରରେ ୧୩ ପଞ୍ଚାୟତର ଜନପ୍ରତିନିଧି ସମିତି ବ୍ଲକ ସହକାରୀ ଯନ୍ତ୍ରୀ ଗୋପାଳ କୃଷ୍ଣ ଗୌଡ ଏବଂ ପିଏବିଏସ୍‌ଏସ୍‌ଓ ପୂର୍ଣ୍ଣ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ଓଡିଆରପି କଲୋନୀ ବାସିନ୍ଦା

## ■ ରାଜନୈତିକ ଇଚ୍ଛାଶକ୍ତି ଅଭାବ, ଆନ୍ଦୋଳନ ଚେତାବନୀ

ଚିକିଟି(ଡି.ଏନ୍.ଏ.)/ଗୋପାଳପୁର,୨୦।୧୦



ରାସ୍ତାରେ ଜମା ହୋଇଥିବା ପାଣି ମଧ୍ୟରେ ଯାତାୟତ କରୁଛନ୍ତି କଲୋନୀ ବାସିନ୍ଦା।

କିଛିବର୍ଷ ହେଲା ଗଞ୍ଜାମ ଜିଲା ଏକାଧିକ ସାମୁଦ୍ରିକ ଝଡର ସାମ୍ନା କରିଛି। ଏହାର ପ୍ରଭାବରେ ଘରଦ୍ୱାର ଭାଙ୍ଗିବା ସହ ସ୍ଥାନୀୟ ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ବହୁ ଧନଜୀବନ ମଧ ହାନୀ ଘଟିଛି। ବେଶି ପ୍ରଭାବିତ ହୋଇଛନ୍ତି ସମୁଦ୍ର ଉପକୂଳବର୍ତ୍ତୀ ଲୋକେ। ସେମାନଙ୍କ ସୁରକ୍ଷା ପାଇଁ ବିଶ୍ୱବ୍ୟାଙ୍କ ସହାୟତାରେ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ସମୁଦ୍ର ଠାରୁ ପାଞ୍ଚ କିମି ପରିସର ମଧରେ ଥିବା ଗ୍ରାମବାସୀଙ୍କ ପାଇଁ ବାତ୍ୟା ନିରୋଧକ ଗୃହ (ଓଡ଼ିଆରପି) ନିର୍ମାଣ କରାଯାଇଥିଲା। ସେଠାରେ ରହିବା ପାଇଁ ପ୍ରଶାସନ ପକ୍ଷରୁ ଆନୁସଙ୍ଗିକ ବ୍ୟବସ୍ଥା ମଧ କରାଯାଇଛି। କିନ୍ତୁ କେତେକ ଅଞ୍ଚଳ ବର୍ତ୍ତମାନ ସୁଦ୍ଧା ପ୍ରଶାସନର ଦୃଷ୍ଟି ଆଢୁଆଳର ରହିଯାଇଛି। କେତେକ ଓଡ଼ିଆରପି କଲୋନୀ ବାସିନ୍ଦା ମୌଳିକ ସୁବିଧା ସୁଯୋଗରୁ ଏବେବି ବଞ୍ଚିତ। ଫଳରେ କଲୋନୀବାସୀଙ୍କ ବିଭିନ୍ନ ସମସ୍ୟାରେ ଘାଣ୍ଟିହୋଇ ଦୁର୍ଦ୍ଦଶାରେ ଜୀବନ ଅତିବାହିତ କରୁଛନ୍ତି। ଏହି ସମସ୍ୟା ନେଇ ପ୍ରଶାସନକୁ ବାରମ୍ବାର ଗୁହାରି କଲେ ମଧ ହିତାଧିକାରୀ କୌଣସି ସୁଫଳ ପାଇପାରୁନାହାନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଗୋଳନ୍ଥରା ଥାନା ଏକସିଙ୍ଗି ପଞ୍ଚାୟତର ପାରାପେଣ୍ଠ ଗ୍ରାମରେ ରହିଥିବା ଓଡ଼ିଆରପି କଲୋନୀରେ।

କଲୋନୀବାସୀଙ୍କ କହିବା ପ୍ରକାରେ ଗତ ୨୦୧୪ରେ ପାରାପେଣ୍ଠ ଗ୍ରାମର ୪୯ ହିତାଧିକାରୀଙ୍କୁ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଥିଲା। ହିତାଧିକାରୀ ମାନେ ଗ୍ରାମର ଭଦ୍ର ବ୍ୟକ୍ତିମାନଙ୍କୁ ଜାଗା କିଣିବା ପାଇଁ ଜଣଙ୍କ ପିଛା ୨୫,୦୦୦ ଟଙ୍କା ଲେଖାଏ ମଧ ଦେଇଥିଲେ। ପରବର୍ତ୍ତୀ ସମୟରେ ଏକ ଖାଲୁଆ ସ୍ଥାନରେ ୪୯ଟି ଓଡ଼ିଆରପି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ଆଲୋକ, ପାନୀୟ ଜଳ, ଯାତାୟାତ ସୁବିଧା ଓ ପାଇଖାନା ଆଦି ସମ୍ପୂର୍ଣ୍ଣ ହୋଇନାହିଁ। ମାତ୍ର ପ୍ରଶାସନ ପକ୍ଷରୁ ତରବରିଆ ଭାବେ ହିତାଧିକାରୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଗୃହରେ ରହିବା ପାଇଁ କୁହାଯାଇଥିଲା। ଇତିମଧ୍ୟରେ ୪ବର୍ଷ ବିତି ଯାଇଥିଲେ ମଧ ୪୯ ପରିବାର ନିଜ ପିଲା ଛୁଆଙ୍କୁ ଧରି ବିଭିନ୍ନ ସମସ୍ୟାରେ ଏଠାରେ ଜୀବନ ବିତାଉଛନ୍ତି। କଲୋନୀକୁ ଯିବା ରାସ୍ତାରେ ବର୍ଷାହେଲେ ଆଣ୍ଠୁଏ ଉପରେ ପାଣି ଜମା ହୋଇ ରହୁଛି। ଫଳରେ ଯାତାୟାତରେ ଘୋର ସମସ୍ୟା ସୃଷ୍ଟି କରୁଛି। ଏହି ରାସ୍ତା ଦେଇ ଛାତ୍ରୀଛାତ୍ର ସ୍କୁଲ, ଟିଉସନ ଯିବା ଆସିବା କରିବାରେ ସମସ୍ୟା ହେଉଛି। ସଠିକ୍ ଭାବେ ଜଳ ନିଷ୍କାସନ ପାଇଁ ମଧ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ କଲୋନୀବାସୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ଷ୍ଟ୍ରିଟ୍ ଲାଇଟ ବ୍ୟବସ୍ଥା ନ ଥିବାରୁ ରାତିରେ ଜଙ୍ଗଲୀ ଜନ୍ତୁ, ସରୀସୃପ ଆଦି ସାହିରେ ପ୍ରବେଶ କରୁଛନ୍ତି। ଇତିମଧରେ ଦୁଇଜଣ ବ୍ୟକ୍ତି ସାପ କାମୁଡ଼ିବାରେ ଆହତ ହୋଇଛନ୍ତି। ଏଥିସହ ପାନୀୟ ଜଳ ଯୋଗାଣ ନିମନ୍ତେ ଓଭରହେଡ ଟ୍ୟାଙ୍କ ନିର୍ମାଣ ସରିଛି। କିନ୍ତୁ ପ୍ରଶାସନର ଉଦାସୀନତା ଯୋଗୁ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇପାରିନାହିଁ। ବର୍ତ୍ତମାନ ସୁଦ୍ଧା ୪୯ ଜଣ ହିତାଧିକାରୀଙ୍କୁ ପଟ୍ଟା ମଧ ମିଳିପାରିନାହିଁ। ଫଳରେ ପ୍ରମାଣପତ୍ର ପାଇଁ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। କିଛି ରାଜନେତା ରାଜନୈତିକ ଉଦ୍ଦେଶ୍ୟ ରଖି ପାତରଅନ୍ତର କରୁଥିବା ଯୋଗୁ ଉକ୍ତ କଲୋନୀବାସୀ ଏପରି ଦୁର୍ଦ୍ଦଶା ଭୋଗୁଥିବା କହିଛନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି କଲୋନିବାସୀ ଚେତାବନୀ ଦେଇଛନ୍ତି। ଏନେଇ ଚିକିଟି ବିଡିଓ ଫାଲ୍‌ଗୁନି ମାଝିଙ୍କ ସହ ଯୋଗାଯୋଗବେଳେ ସେ କହିଥିଲେ, ଗ୍ରାମରେ ଯେଉଁ ସମସ୍ୟା ରହିଛି କଲୋନୀରେ ପହଞ୍ଚି ମୁଁ ଅନୁଧ୍ୟାନ କରିବି। ଯେଉଁ ସମସ୍ୟା ରହିଛି ସେହି ବିଭାଗର ଅଧିକାରୀଙ୍କୁ ଧରି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

### ବିଦ୍ୟାଳୟରେ ପ୍ରତିଭା ଚୟନ କାର୍ଯ୍ୟକ୍ରମ

ପାତ୍ରପୁର,୨୦।୧୦(ଡି.ଏନ୍.ଏ.)

ପାତ୍ରପୁର ଓ ବରଙ୍ଗ କ୍ଲଷ୍ଟରରେ ଶନିବାର ଛାତ୍ରୀଛାତ୍ର ମାନଙ୍କୁ ନେଇ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୂଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ କୋରେଶ ସେଠୀ, ବିଆର୍‌ସିସି ସୁଶୀଳ ପାତ୍ର, ଏବିଇଓ ସିମାଞ୍ଚଳ ପାଇକ, କରୁଣାକର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଜି. ଲୋହିଦାସ, ଭୀମସେନ ମଲ୍ଲିକ, ଶିକ୍ଷା କମିଟି ସଭାପତି ଯୁଧିଷ୍ଠିର ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସିଆର୍‌ସିସି ଟୁଟୁ ପ୍ରଧାନ ପରିଚାଳନା କରିଥିଲେ। ସେହିଭଳି ବରଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୦ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ ଆର୍. ରତ୍ନାକୁମାରୀ, ଏସ୍. ସୋରଜନୀ, କାମେଶ୍ୱର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଜେଡିର କାର୍ଯ୍ୟକାରିଣୀ ବୈଠକ

ଆର.ଉଦୟଗିରି,୨୦।୧୦(ଡି.ଏନ.ଏ.)



ଉପସ୍ଥିତି ବିଜେଡି ନେତା ଓ କର୍ମୀ।

ଶବରପଲ୍ଲିସ୍ଥିତ ଶବର ସମାଜ କାର୍ଯ୍ୟାଳୟଠାରେ ବିଜେଡିର କାର୍ଯ୍ୟକାରିଣୀ ବୈଠକ ପ୍ରଭାତ ସୁଆଲ ସିଂ ଓ ଖଲି ଜାନିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଜେଡିର ବ୍ଲକ ସଭାପତି ଭାବେ ଭୀମ ପାଇକ ଓ ଯୁଧିଷ୍ଠିର ବଡ଼ମୁଣ୍ଡିଙ୍କୁ ଏମ୍‌ପି ପ୍ରତିନିଧି ଭାବେ ମନୋନୀତ କରାଯାଇଥିଲା। ସେହିପରି ଆର.ଉଦୟଗିରି ମହେନ୍ଦ୍ରତନୟା ମହାବିଦ୍ୟାଳୟର ଏମ୍‌ପି ପ୍ରତିନିଧି ରୂପେ ସୁଦର୍ଶନ ରଇତ, ଡ. ବି.ଆର.ଆମ୍ବେଦକର (ରାମଗିରି ଯୁକ୍ତ ୩ କଲେଜ) ଏମ୍‌ପି ପ୍ରତିନିଧି ରୂପେ ଶିବ ବଡ଼ମୁଣ୍ଡି, ମହେନ୍ଦ୍ରଗିରି ମହାବିଦ୍ୟାଳୟ (ରାମଗିରି) ଏମ୍‌ପି ପ୍ରତିନିଧି ରୂପେ ପ୍ରସନ୍ନ ପାଣିଙ୍କୁ ମନୋନୀତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆଦିବାସୀ ଉନ୍ନୟନ ସଂସ୍ଥାର ପୂର୍ବତନ ଅଧକ୍ଷ ଅନ୍ତର୍ଯ୍ୟାମୀ ଗମାଙ୍ଗ, ଶବର ସମାଜ ସଭାପତି ଝାମୁରା ରଇତ, ପୂର୍ବତନ ଜିଲା ପରିଷଦ ସଭ୍ୟ ଜଗବନ୍ଧୁ ଦାସ, ଆର.ଉଦୟଗିରି ବ୍ଲକ ଅଧକ୍ଷା ଅନିତା ମଣ୍ଡଳ, ଉଦୟନାଥ ବଣିକସଂଘର ସଭାପତି ଗିରିଜା ଶଙ୍କର ନାୟକ, ମହିଳା ମଣ୍ଡଳୀର ସଭାନେତ୍ରୀ ମନୋରମା ମାଝି ପ୍ରମୁଖ କର୍ମୀ ଯୋଗ ଦେଇଥିଲେ। ରାଜେନ୍ଦ୍ର ରଣସିଂ ନାଇକ ଧନ୍ୟବାଦ ଅର୍ପଣ କରିଥିଲେ ।

# ମଦ ଜବତ, ୨ କୋର୍ଟଚାଲାଣ

ଗୋପାଳପୁର,୨୦।୧୦

ବେଆଇନ ମଦ ବିକ୍ରି ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ରବିବାର ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ ମାନେ ହେଲେ ସୋରଳ ଗ୍ରାମର ଦେବେନ୍ଦ୍ର ବେହେରା(୩୬) ଓ ନରସିଂହ ଜାନି। ଗୋଳନ୍ଥରା ଥାନା ସୋରଳ ଗ୍ରାମରେ ଗତ କିଛି ଦିନ ହେଲା ଉଭୟ ଅଭିଯୁକ୍ତ ଚୋରା ଦେଶୀ ମଦ ଓ ବିଦେଶୀ ମଦ ବିକ୍ରି କରୁଥିଲେ। ପୂର୍ବାହ୍ନରେ ଗୋଳନ୍ଥରା ପୋଲିସ ବିକ୍ରି ହେଉଥିବା ସ୍ଥାନରେ ଚଢ଼ାଉ କରି ଦେବେନ୍ଦ୍ରଙ୍କଠାରୁ ୭.୯୦୦ ଏମ୍‌ଏଲ ବିଦେଶୀ ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ଏ ନେଇ ନଂ. ୨୬୦/୧୯ ମାମଲା ରୁଜୁ ହୋଇଛି। ପରେ ସୋରଳ ଗ୍ରାମ ରାସ୍ତାରେ ନରସିଂହ ଦେଶୀ ମଦ ବିକ୍ରି କରୁଥିବା ସ୍ଥାନରେ ଥାନାଧିକାରୀ ବାବୁଲି ନାୟକଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ୧୫୦ ମଦ ପ୍ୟାକେଟ ଜବତ କରି ନରସିଂହଙ୍କୁ ଧରିଥିଲେ। ନଂ. ୨୬୧/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

### ଶିଶୁ ମହୋତ୍ସବ ସୁରଭି

ଆସିକା,୨୦।୧୦(ଡି.ଏନ୍.ଏ.)

ଆସିକା ଏନ୍‌ଏସି କ୍ଲଷ୍ଟର ପକ୍ଷରୁ ଶନିବାର ସ୍ଥାନୀୟ ହାଟପଦାସ୍ଥିତ ଏକ୍ସବୋର୍ଡ ବାଳିକା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ବିଇଓ କୃତିବାସ ବାରିକ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଓ ବ୍ଲକ୍ ଅଧକ୍ଷ ହରେକୃଷ୍ଣ ମଳିକ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ଆସିକା ଏନ୍‌ଏସି କ୍ଲଷ୍ଟରର ୨୫ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗୀଙ୍କ ମଧ୍ୟରେ ବିତର୍କ, ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ, ଶ୍ରୁତଲିଖନ, କୁଇଜ୍, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପ୍ରତିଯୋଗିତ ଅନୁଷ୍ଠିତ ହୋଇଥିଲା। ସିଆର୍‌ସିସି ସରୋଜ କୁମାର ନାୟକଙ୍କ ନେତୃତ୍ୱରେ ବିଚିତ୍ର ବିହାରୀ ଦାସ, ସୁରେନ୍ଦ୍ରନାଥ ପଟ୍ଟନାୟକ, ସନ୍ତୋଷ କୁମାର ବେହେରା, ଜୟରାମ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜୋନାଲ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା




ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଉଦ୍‌ବୋଧନ ଦେଉଛନ୍ତି।

ଦିଗପହଣ୍ଡି,୨୦।୧୦(ଡି.ଏନ.ଏ.)

ଦିଗପହଣ୍ଡି ସ୍ଥିତ ବଡ଼ଖେମୁଣ୍ଡି ହାଇସ୍କୁଲ ପଡିଆରେ ଶୁକ୍ରବାର ଜୋନାଲ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲା ଶିକ୍ଷାବିଭାଗ ସହାୟତାରେ ଦିଗପହଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତା ଉଦଘାଟନୀ ଉତ୍ସବରେ ସ୍ଥାନୀୟ ବିଇଓ ବସନ୍ତ କୁମାର ପଣ୍ଡା ଅଧକ୍ଷତା କରିଥିଲେ। ସାନଖେମୁଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ ମୁକୁନ୍ଦ ଚନ୍ଦ୍ର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସେହିପରି ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ବାଳା ମାଝୀ, ବିଶ୍ରବା ପାଇକ, ରସାନନ୍ଦ ଘଡେଇ, ପାଣ୍ଡୁ ଚରଣ ସାହୁ, କ୍ରୀଡା ଶିକ୍ଷକ ଏମ.ଗୌରାଙ୍ଗ, ସୀମାଞ୍ଚଳ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଉଭୟ ସାନଖେମୁଣ୍ଡି ଓ ଦିଗପହଣ୍ଡି ଜୋନରୁ ୧୪୦ ଜଣ ଜୁନିୟର ଓ ସିନିୟର ବିଭାଗର ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସୋମବାର କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। କୃତୀ ଛାତ୍ରୀଛାତ୍ର ଆସନ୍ତା ୨୩ରେ ଛତ୍ରପୁରଠାରେ ଅନୁଷ୍ଠିତ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

# ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ଭଞ୍ଜନଗର,୨୦।୧୦(ଡି.ଏନ.ଏ)

ଆରତୀ ନାହାକ ହତ୍ୟା ମାମଲାରେ ଭଞ୍ଜନଗର ପୋଲିସ ରବିବାର ସ୍ୱାମୀ ରଞ୍ଜିତ ନାହାକଙ୍କୁ ଗିରଫ କରିଛି। ଏଥିସହ ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି । ଭଞ୍ଜନଗର ସହର ନାହାତୋଟାସାହିରେ ଗତ ୧୬ ତାରିଖରେ ଆରତୀଙ୍କୁ ହତ୍ୟା କରି ତାଙ୍କ ମୃତଦେହକୁ ଶଶୁର ଘର ଲୋକେ ପୋଡ଼ି ଦେଇଥିଲେ। ଘଟଣାର ଦୁଇଦିନ ପରେ ମୃତକଙ୍କ ଭାଇ ଆରତୀଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ନଂ. ୩୫୧/୧୯ରେ ଏକ ହତ୍ୟା ମାମଲା ରୁଜୁ କରିବା ସହ ପୋଲିସ ଶ୍ମଶାନ ଘାଟରୁ ହାଡ଼ ପାଉଁଶ ଜବତ କରିଥିଲା।

# ଉହ, କାଦୁଆରେ ସ୍ୱାସ୍ଥ୍ୟମେଳା



ଉହରେ ରୋଗୀଙ୍କୁ ମାଗଣା ଔଷଧ ପ୍ରଦାନ କରାଯାଉଛି ।

ଭଞ୍ଜନଗର,୨୦।୧୦(ଡି.ଏନ.ଏ)

ଭଞ୍ଜନଗର ବ୍ଲକ ଉହ ଏବଂ ଜଗନ୍ନାଥପ୍ରସାଦ ବ୍ଲକ କାଦୁଆରେ ରବିବାର ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ୬ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କ ପ୍ରାଥମିକ ଚିକିତ୍ସା କରାଯାଇ ଆବଶ୍ୟକ ଔଷଧ ଯୋଗାଇ ଦିଆଯାଇଛି। କିମ୍‌ସ ଡାକ୍ତର ଅଶୋକ ସାକ୍ଷ୍ୟ, ଡା. ବିବେକ ଏଲୋନ, ଡା. କିନ୍ଥୁ କେ.ସରଭାଇ, ଡା.ଭେଙ୍କଟେଶ ମାଣ୍ଡୱା ଓ ଡା. ଅମରଦିପ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କିମ୍‌ସ ଅଧିକାରୀ ଶୁଭେନ୍ଦୁ ପଟ୍ଟନାୟକ ଶିବିର ସଂଯୋଜନା କରିଥିଲେ। ଜଗନ୍ନାଥପ୍ରସାଦ ବ୍ଲକ ବିଜେଡି ସଭାପତି ମୋହନ ପ୍ରଧାନ, ଏମ୍‌ପି ପ୍ରତିନିଧି ବିପ୍ର ବାରିକ, ଦିବାକର ନାୟକ, ବ୍ଲକ ଉପାଧକ୍ଷ ହିମାଂଶୁ ଶେଖର ବାରିକ, ଶୂଳପାଣି ଶତପଥୀ, ପଞ୍ଚାନନ ପାଳ, ପ୍ରମୋଦ ପ୍ରଧାନ ପ୍ରମୁଖ ୨ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ସୂଚନାଯୋଗ୍ୟ, କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ୍ ସାମନ୍ତ ଗତ ସାଧାରଣ ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପ୍ରକାରେ ତାଙ୍କ ଅନୁଷ୍ଠାନ କିମ୍‌ସ ପକ୍ଷରୁ ପ୍ରତ୍ୟେକ ବ୍ଲକରେ ମାସର ଏକ ରବିବାର ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହେଉଛି ।

## ଆନ୍ତଃ ମହାବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଉଦ୍‌ଘାଟନୀ ଦିବସରେ ଭଞ୍ଜନଗର, କୋରାପୁଟ ବିଜୟୀ

ଭଞ୍ଜନଗର,୨୦।୧୦(ଡି.ଏନ.ଏ)



କଳିଙ୍ଗା ଓ ଭଞ୍ଜନଗର ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ଗହଣରେ ଖେଳାଳିମାନେ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସଂସଦ ପକ୍ଷରୁ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ରବିବାରଠାରୁ ଆନ୍ତଃ ମହାବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ ଦୁଇଟି ମ୍ୟାଚ୍ ହୋଇଥିଲା। ପ୍ରଥମ ମ୍ୟାଚ୍ କୋରାପୁଟ ଡ଼ିଏଭି କଲେଜ ଓ ରାୟଗଡ଼ା ସ୍ୱୟଂଶାସିତ କଲେଜ ମଧ୍ୟରେ ହୋଇଥିଲା। ଏଥିରେ କୋରାପୁଟ ୪-୧ ଗୋଲରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କୋରାପୁଟର ପପୁନ ପରଜା ଓ ମେଘନାଦ ତାର୍କି ୨ଟି ଲେଖାଏଁ ଗୋଲ ଦେଇଥିବାବେଳେ ରାୟଗଡ଼ାର ଏସ୍.କେ. ଇକ୍ରାଇଲ ଗୋଟିଏ ଗୋଲ ଦେଇଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚ୍ ଆୟୋଜକ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଓ କଳିଙ୍ଗା ବିଇଡ଼ି କଲେଜ ମଧ୍ୟରେ ହୋଇଥିଲା। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ୨-୦ ଗୋଲରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଦଳପକ୍ଷରୁ ଅନିଲ ନାୟକ ଓ ପି.ରୂପକ ରାଓ ଗୋଟିଏ ଲେଖାଁଏ ଗୋଲ ଦେଇଥିଲେ। ସୋମବାର କୋରାପୁଟ ସହ ସାରଙ୍ଗଗଡ଼ କନ୍ଧମାଳ କଲେଜ ମଧ୍ୟରେ ପ୍ରଥମ ମ୍ୟାଚ୍ ହେବ। ଦ୍ୱିତୀୟ ମ୍ୟାଚ୍ ସେମିଳିଗୁଡ଼ା କଲେଜ ଓ ଫିରିଙ୍ଗିଆ ଆଦିବାସୀ କଲେଜ ମଧରେ ଖେଳାଯିବ। ତୃତୀୟ ମ୍ୟାଚ୍ ଜି.ଉଦୟଗିରି କଳିଙ୍ଗା ମହାବିଦ୍ୟାଳୟ ଓ ଆଜିର ବିଜେତା ଭଞ୍ଜନଗର କଲେଜ ମଧ୍ୟରେ ହେବ। ଚତୁର୍ଥ ମ୍ୟାଚ୍ ଜୟପୁର ବିକ୍ରମ ଦେବ କଲେଜ ଓ ବାଲିଗୁଡ଼ା ଆଦିବାସୀ କଲେଜ ମଧ୍ୟରେ ହେବ। ଦୁଇଟି ଯାକ ମ୍ୟାଚ୍‌କୁ ରେଫରୀ ପି.ରମେଶ, ଗଣେଶ ବାହାଦୁର, ବାପୁନା ସିଂ, ନିଶାକର ସ୍ୱାଇଁ, ବିଚିତ୍ର ଜେନା ପରିଚାଳନା କରିଥିଲେ। କଲେଜ ଅଧକ୍ଷ ଡ଼.ନୀଳାଞ୍ଚଳ ମୁନି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। କଳିଙ୍ଗା ବିଇଡ଼ି କଲେଜ ଅଧକ୍ଷ ଜୟନ୍ଦ୍ରନାଥ ସ୍ୱାଇଁ, ପ୍ରାଧ୍ୟାପକ ସୁବାସ ଚନ୍ଦ୍ର ପ୍ରଧାନ, ଦାମୋଦର ଷଡଙ୍ଗୀ, ବଦ୍ରି ନାରାୟଣ ପାତ୍ର, ବିନୋଦ ଦାସ, ଆର.କେ. ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ସଂସଦ ଉପ ସଭାପତି ପ୍ରାଧ୍ୟାପକ ଡ଼.ପୀତବାସ ପାଳ, ଡ଼. ଆର.କେ. ମିଶ୍ର, କୈଳାସ ଜେନା ପ୍ରମୁଖ ପରିଚାଳନା କରିବାରେ ସହଯୋଗ କରିଥିଲେ। ଅଧ୍ୟାପକ ବିକ୍ରମ ପ୍ରଧାନ, ପ୍ରତ୍ୟୁଷ କାର୍ଜି, ଅମିୟ ରଞ୍ଜନ ପଣ୍ଡା ପ୍ରମୁଖ ଧାରାବିବରଣୀ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର

**ଖଲ୍ଲିକୋଟ,୨୦।୧୦(ଡି.ଏନ.ଏ.)-** ଖଲ୍ଲିକୋଟ ବ୍ଲକ ବଧିନୂଆପଲ୍ଲୀ ପଞ୍ଚାୟତ ମାନାପଲ୍ଲୀ ଗ୍ରାମରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଆଧାତ୍ମିକ ଗୁରୁ ରବି ଶଙ୍କରଙ୍କ ଆର୍ଟ ଅଫ ଲିଭିଙ୍ଗ୍ ଫାଉଣ୍ଡେସନ ପକ୍ଷରୁ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ୧୬ ରୁ ଆଗାମୀ ୨୩ ପର୍ଯ୍ୟନ୍ତ ଏହା ଆୟୋଜିତ ହେବ । ଏଥିରେ ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ୬୦ ଜଣ ମହିଳା ଓ ପୁରୁଷ ସଭ୍ୟ ଅଂଶଗ୍ରହଣ କରିଥିଲେ। ଏଥିରେ ଯୋଗଗୁରୁ କୃଷ୍ଣଚନ୍ଦ୍ର ମହାପାତ୍ର, ନୀରଦ ପଟ୍ଟନାୟକ ଯୋଗଶିକ୍ଷା ଦେଇଥିଲେ। ମାନାପଲ୍ଲୀ ଗ୍ରାମ୍ୟ କମିଟି, ବରିଷ୍ଠ ସ୍ୱେଚ୍ଛାସେବୀ ଦେବାଶିଷ ମହାରଣା, ହରିହର ଖଟେଇ, କେଦାର ରାଉଳ, ପବିତ୍ର ସାହୁ, ମୁକୁନ୍ଦ ରେଡ୍ଡୀ ପ୍ରମୁଖ ଶିବିର ପରିଚାଳନା କରୁଛନ୍ତି । ଯୋଗଶିକ୍ଷା ସହିତ ବଞ୍ଚିବାର ଶୈଳୀ, ସୁନ୍ଦର ସ୍ୱାସ୍ଥ୍ୟ ରକ୍ଷା ଉପରେ ଯୋଗଗୁରୁ ବିଶଦ ବର୍ଣ୍ଣନା କରିଥିଲେ। ଯୋଗଶିକ୍ଷା ସହ ସ୍ୱଚ୍ଛ ଭାରତ ଅଭିଯାନରେ ସଦସ୍ୟମାନେ ଗ୍ରାମର ଚତୁଃପାର୍ଶ୍ୱ ସଫାସୁତୁରା କରିଥିଲେ। ସେହିପରି ନିକଟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଯୋଗଶିକ୍ଷା ପ୍ରଦାନ କରିଥିଲେ।

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

**ପାଟପୁର/ବୁଗୁଡ଼ା,୨୦।୧୦(ଡି.ଏନ.ଏ.)-** ସାନଖେମୁଣ୍ଡି ବ୍ଲକ ଆଡପଡା ଓ ରାମଚନ୍ଦ୍ରପୁର ପଞ୍ଚାୟତର ମିଳିତ ଅଭିଯୋଗ ଶୁଣାଣି ମୋ ନିବେଦନ କାର୍ଯ୍ୟକ୍ରମ ଶନିବାର ହୋଇଥିଲା। ଏଥିରେ ଆଡପଡା ପଞ୍ଚାୟତରୁ ସର୍ବାଧିକ ୩୨୫ ଓ ରାମଚନ୍ଦ୍ରପୁର ପଞ୍ଚାୟତର ୧୪୦ ଆବେଦନ ହୋଇଥିଲା। ଅଭିଯୋଗ ଶୁଣାଣିରେ ଗାୟତ୍ରୀଦତ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆଡପଡା ସରପଞ୍ଚ ନୀଳମାଧବ ରାଉତ, ରାମଚନ୍ଦ୍ରପୁର ସରପଞ୍ଚ ସୁଲତା ନାୟକ, ସିଡିପିଓ ସୁଲେଖା ସୁନ୍ଦରୀ ମଲିକ, ଜିପିଇର ବୈଜନ୍ତ ପଣ୍ଡା, ସହକାରୀ ମତ୍ସ୍ୟ ଅଧିକାରୀ ଜୟଶ୍ରୀ ଦେବୀ, ନିର୍ବାହୀ ଅଧିକାରୀ ନିଗମାନନ୍ଦ ପାଣିଗ୍ରାହୀ, ରାଜେନ୍ଦ୍ର ରେଡ୍ଡୀ, ପଞ୍ଚାନନ ଜେନା ପ୍ରମୁଖ ସମସ୍ତ ୱାର୍ଡସଭ୍ୟା ସଭ୍ୟ ଅଂଶଗ୍ରହଣ କରିଥିଲେ। ସେହିପରି ବୁଗୁଡ଼ା ବ୍ଲକ କରସିଙ୍ଗି ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ମୋ ନିବେଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଡିଓ ସଞ୍ଜୀବରାଜ ସେନାପତି ଅଧକ୍ଷତା କରିଥିଲେ। ସହ କୃଷି ଅଧିକାରୀ ନିହାର ରଞ୍ଜନ ପୃଷ୍ଟି, ସିଡିପିଓ ରଞ୍ଜିତା ତ୍ରିପାଠୀ, ପ୍ରାଣୀ ଚିକିତ୍ସାଧିକାରୀ ଲକ୍ଷ୍ମୀଧର ବେହେରା ଓ କରସିଙ୍ଗି ସରପଞ୍ଚ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୩୨ଟି ଅଭିଯୋଗ ପଞ୍ଜୀକରଣ ହୋଇଥିବାବେଳେ ୩୩ଟିର ଫଇସଲା ହୋଇଥିଲା। ଅଙ୍ଗନୱାଡ଼ି, ଆଶାକର୍ମୀ, ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

### ସଡ଼କ ସୁରକ୍ଷା ସଚେତନତା

**କୁକୁଡାଖଣ୍ଡି,୨୦।୧୦(ଡି.ଏନ.ଏ.)-** ବିଜୁ ଯୁବ ବାହିନୀ ଆଙ୍କୁଶପୁର ପକ୍ଷରୁ ସଦରଥାନା ନିକଟରେ ଏକ ସଡକ ସୁରକ୍ଷା ଅଭିଯାନ 'ରକ୍ଷକ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଲୋକଙ୍କୁ ସଡକ ସୁରକ୍ଷା ଓ ନୂଆ ଏମ୍‌ଭି ଆକ୍ଟ ସମ୍ବନ୍ଧରେ ସଦର ଥାନା ଅତିରିକ୍ତ ଥାନା ଅଧିକାରୀ ବିଶ୍ୱନାଥ ଜାଲିଙ୍କ ଉପସ୍ଥିତିରେ ସଚେତନ କରାଯାଇଥିଲା। ଏହି ଅଭିଯାନରେ ବିଜୁ ଯୁବ ବାହିନୀର ସଦସ୍ୟମାନେ ବିଭିନ୍ନ ପ୍ରକାର ସ୍ଲୋଗାନ ମାଧମରେ ଟ୍ରାଫିକ ନିୟମ ମାନିବା ପାଇଁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ବାହିନୀ ସଭାପତି ସଞ୍ଜୟ ସାହୁ, ରବୀନ୍ଦ୍ର ନାଥ ସାହୁ, ସଦାନନ୍ଦ ସାହୁ, ରାଜି ସାହୁ, କାଳିଆ ସାହୁ, ମସିହାଖାଲିର ବିଜେଡି ନେତା ରବୀନ୍ଦ୍ର ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ସଡକ ସୁରକ୍ଷାର ନୂଆ ନିୟମ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା।

### ନିର୍ଭୟାକଢି ଶୁଭାରମ୍ଭ

**ଚିକିଟି,୨୦।୧୦(ଡି.ଏନ.ଏ.)-** ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦରେ ଶନିବାର ଅପରାହ୍ନରେ ନିର୍ଭୟାକଢିର ଶୁଭାରମ୍ଭ କରାଯାଇଛି। ପ୍ରଥମ ଦିନରେ ଚିକିଟି ବିଜ୍ଞାପିତଅଞ୍ଚଳ ପରିଷଦର ୮ନମ୍ବର ୱାର୍ଡରେ ଥିବା ଅଙ୍ଗନୱାଡି କେନ୍ଦ୍ର ଗୃହରେ ଆରମ୍ଭ ହୋଇଥିଲା। ସେହିଭଳି ଚିକିଟି ବିଜ୍ଞାପିତଅଞ୍ଚଳ ପରିଷଦ ଏବଂ ୧୭ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ଏହିଭଳି କାର୍ଯ୍ୟ କରାଯିବାର ଲକ୍ଷ୍ୟ ରଖାଯାଇଥିବା ଚିକିଟି ସିଡିପିଓ ମାଧୁରୀ ପାଢ଼ୀ କହିଛନ୍ତି। କାର୍ଯ୍ୟକ୍ରମରେ ଚିକିଟି ବିଡିଓ ଫାଲ୍‌ଗୁନୀ ମାଝି, ସିଡିପିଓ, ତହସିଲ୍‌ଦାର ହରପ୍ରସାଦ ଭୋଇ ପ୍ରମୁଖ ଯୋଗଦେଇ କିଶୋରୀ ବାଳିକାମାନଙ୍କୁ ହେଉଥିବା ଅପପୃଷ୍ଟି ରୋଗର ଲକ୍ଷଣ ଓ ଏହାର ନିରାକରଣ ଉପରେ ସଚେତନତା କରାଇବା, ଶିକ୍ଷାକୁ ପ୍ରାଧାନ୍ୟ ଦେବା ସହିତ ବାଲ୍ୟବିବାହ ପ୍ରଥାକୁ କିପରି ରୋକା ଯାଇପାରିବ ସେ ଉପରେ ସଚେତନତା କରାଇଥିଲେ।

■ କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ର: ନାହାନ୍ତି ବିଶେଷଜ୍ଞ

# ଫାର୍ମାସିଷ୍ଟ, ଆୟୁର୍ବେଦ ଡାକ୍ତରଙ୍କ ଭରସାରେ ରୋଗୀସେବା

**କବିସୂର୍ଯ୍ୟନଗର,୨୦।୧୦**


ସ୍ୱାସ୍ଥ୍ୟକେନ୍ଦ୍ରରେ ଫାଙ୍କା ପଡ଼ିଛି ରୋଗୀ ଶଯ୍ୟା।

କବିସୂର୍ଯ୍ୟନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦୀର୍ଘ ୨୦ ବର୍ଷ ହେଲା ଡାକ୍ତର ନାହାନ୍ତି। ଯେଉଁ ବିଶେଷଜ୍ଞ ଆସିଛନ୍ତି କିଛି ମାସ ମଧ୍ୟରେ ଅନ୍ୟତ୍ର ବଦଳି ହୋଇଯାଇଛନ୍ତି। ୬ ଜଣ ବିଶେଷଜ୍ଞ ସ୍ଥାନରେ ବର୍ତ୍ତମାନ କେହିନାହାନ୍ତି। ଜଣେ ଏମ୍‌ବିବିଏସ୍ ସ୍ୱାସ୍ଥ୍ୟଅଧିକାରୀଙ୍କ ଦ୍ୱାରା ଡାକ୍ତରଖାନା ଚାଲିଛି। କିନ୍ତୁ ବହୁଦିନ ଛୁଟି ଓ ଅଫିସ କାର୍ଯ୍ୟରେ ତାଙ୍କର ସମୟ ବିତୁଥିବା ବେଳେ କାଁ ଭାଁ ରୋଗୀ ଦେଖନ୍ତି ସ୍ୱାସ୍ଥ୍ୟଅଧିକାରୀ। ଫଳରେ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଜଣେ ରେଗୁଲାର ଫାର୍ମାସିଷ୍ଟ ଓ ଆୟୁର୍ବେଦିକ ଡାକ୍ତର ଦ୍ୱାରା ଦୀର୍ଘ ବର୍ଷ ହେଲା ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳିତ ହେଉଛି। ୨ଜଣ ବିଧାୟିକା, ଜଣେ ଏମ୍‌ପି ଅଞ୍ଚଳକୁ ପ୍ରତିନିଧିତ୍ୱ କରୁଥିଲେ ସୁଦ୍ଧା କାହାରି ଏଥିପ୍ରତି ନଜର ନାହିଁ । ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଡିଡିସି ଫାର୍ମାସିଷ୍ଟ, ଆଟେଣ୍ଡାଣ୍ଟ ୩ ଜଣ, ଲାବ୍ ଟେକ୍ନିସିଆନ ୩ ଜଣ ଓ ୫ଜଣ ନର୍ସ କାର୍ଯ୍ୟ କରୁଛନ୍ତି। ବିଶେଷଜ୍ଞ ଅଭାବରୁ ଇନଡ଼ୋର ସବୁବେଳେ ଖାଲି ରହୁଛି। ୮ ଶର୍ଯ୍ୟା ପଡ଼ିଥିଲେ ସୁଦ୍ଧା କାହା କାମରେ ଲାଗୁନାହିଁ। ଠିକ୍ ସେବା ଯୋଗାଇବାରୁ ସ୍ୱାସ୍ଥ୍ୟକେନ୍ଦ୍ର ଅକ୍ଷମ ହୋଇଥିବାରୁ ରୋଗୀମାନେ ଅନ୍ୟତ୍ର ଯିବାକୁ ବାଧ ହେଉଛନ୍ତି। କେବଳ ଦୁର୍ଘଟଣା, ଝାଡ଼ାବାନ୍ତିର ପ୍ରାଥମିକ ଚିକିତ୍ସା ଲାଗି ଆଉଟଡୋରରେ ରହିଥିବା ୨ଟି ବେଡ଼ ବ୍ୟବହୃତ ହେଉଛି। ତେଣୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମହିଳା ଓ ପ୍ରସୂତି ବିଶେଷଜ୍ଞ ସହ ଜଣେ ଶିଶୁ ବିଶେଷଜ୍ଞ ଆବଶ୍ୟକ ବୋଲି ସାଧାରଣରେ ଦାବି ହେଉଛି। ଏ ନେଇ ଡିସିଏମ୍‌ଓ ବିଜୟ କୁମାର ଷଡ଼ଙ୍ଗୀଙ୍କୁ ପଚାରିବାରୁ ଟଏସ୍ ଅଫ୍ ସେଣ୍ଟର ଦିଆଯାଇଥିବାରୁ କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ରକୁ କେହି ଆସୁନାହାନ୍ତି ବୋଲି କହିଛନ୍ତି।

## ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତା ନିର୍ବାଚନ


ସଂଘ କର୍ମକର୍ତ୍ତା।

**ଫୁଲବାଣୀ ଅଫିସ, ୨୦।୧୦**

ଫୁଲବାଣୀ ମାଷ୍ଟରପଡାସ୍ଥିତ ଏକ ମଣ୍ଡପରେ ରବିବାର ବରିଷ୍ଠ ନାଗରିକ ସଂଘର ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଂଘର ସ୍ଥାୟୀ ସଭାପତି ନବୀନ କିଶୋର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ପ୍ରଣବ କୁମାର ମଣ୍ଡଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରେ ସଭାପତି ଆସନ୍ତା ୨ବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଘୋଷଣା କରିଥିଲେ। ସଭାପତି ଭାବେ ରାଜକିଶୋର ବେହେରା, ଉପସଭାପତି ପ୍ରମୋଦ କୁମାର ପଟ୍ଟନାୟକ ଓ ରବି ନାରାୟଣ ସୁବୁଦ୍ଧି, ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ ମହାପାତ୍ର, ସଙ୍ଗଠନ ସମ୍ପାଦକ ପ୍ରସନ୍ନ କୁମାର ସାହାଣୀ, ଯୁଗ୍ମ ସମ୍ପାଦକ ବ୍ରହ୍ମାନନ୍ଦ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଭାବେ ପି.ରଘୁନନ୍ଦନ ପାତ୍ର ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଭ୍ୟ ଭାବେ ଅରୁଣ କୁମାର ଦାସ, ଏଲ. ତ୍ରିନାଥ ପାତ୍ର, ତାରେଣୀ ପ୍ରସାଦ ମୁନୀ, ଲକ୍ଷ୍ମୀନାରାୟଣ ଦୋରା, ମୋଚିରାମ ମିଶ୍ର, ପ୍ରଭାକର ପାଳ, ଗୌରହରି ସାହୁ, ପ୍ରଫୁଲ୍ଲ ବେହେରା ପ୍ରମୁଖ ମନୋନୀତ ହୋଇଛନ୍ତି। ଅଭିରାମ ପଟ୍ଟନାୟକ, ବିଜୟ କୁମାର ମହାନ୍ତି, ରାଜକିଶୋର ପାଢ଼ୀ ପ୍ରମୁଖ ନିର୍ବାଚନ ପରିଚାଳନା କରିଥିଲେ । ପ୍ରସନ୍ନ କୁମାର ସାହାଣୀ ଧନ୍ୟବାଦ ଦେଇଥିଲେ ।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'


ଟାକରଡ଼ା କ୍ଲଷ୍ଟରସ୍ତରୀୟ ସୁରଭିରେ ଉପସ୍ଥିତ ଅତିଥିମାନେ ।

**ବୁଗୁଡ଼ା/ଧରାକୋଟ/ଗଞ୍ଜାମ, ୨୦।୧୦(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଟାକରଡ଼ା କ୍ଲଷ୍ଟରରେ ଶନିବାର ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି ଉଦ୍‌ଘାଟନ କରିଥିଲେ। ଟାକରଡ଼ା ସରପଞ୍ଚ ଦମୟନ୍ତୀ ପ୍ରଧାନ, ପ୍ରଧାନ ଶିକ୍ଷକ ଦେବହରି ଚୌଧୁରୀ, ସ୍କୁଲ ସଭାପତି ନାରାୟଣ ପ୍ରଧାନ, ସିଆରସିସି ଆଶୁତୋଷ ମିଶ୍ର, ମୁକୁନ୍ଦ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ଦଣ୍ଡମୁକ୍ତ ବିଦ୍ୟାଳୟ, ପରିବେଶ ସୁରକ୍ଷା ଜୀବନ ରକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ୧୭ ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ଧରାକୋଟ ବ୍ଲକ ଜଗମୋହନ ପଞ୍ଚାୟତ ନନ୍ଦିଗୋର ପ୍ରାଥମିକ ବିଦ୍ୟାଳୟରେ ଝରପାରି କ୍ଲଷ୍ଟରସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଯାଇଛି।ଏଥିରେ ବିଆରସିସି ସୌରୀ ଶଙ୍କର ବେହେରା ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଝରପାରି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁକ୍ର ବେହେରା, ନନ୍ଦିଗୋର ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭଗବାନ ପରିଡ଼ା ଯୋଗ ଦେଇଥିଲେ। ସିଆରସିସି ସଂଗ୍ରାମ କେଶରୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥିମାନେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

ଗଞ୍ଜାମ ସହରସ୍ଥିତ ସରକାରୀ ନୋଡାଲ ବାଳିକା ଉଚ୍ଚ ବିଦ୍ୟାଳୟରେ ପୁଇଁତୋଳା କ୍ଲଷ୍ଟର ପକ୍ଷରୁ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁଇଁତୋଳା କ୍ଲଷ୍ଟର ସିଆର୍‌ସିସି ମହେଶ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ମହେନ୍ଦ୍ର କୁମାର ବାଗ୍‌ଚି ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଇଓ ସୁବାସ ଚନ୍ଦ୍ର ଘଡ଼ାଇ, ଶିକ୍ଷକ ଗୋପାଳ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ନେପାକ ସଭାପତିତ୍ୱ କରିଥିଲେ। ଏହି ଅବସରରେ ପୁଇଁତୋଳା କ୍ଲଷ୍ଟର ଅଧୀନରେ ଥିବା ସମସ୍ତ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା।

## ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା

**ଆସିକା,୨୦।୧୦(ଡି.ଏନ୍.ଏ.)**

ଆସିକା ବ୍ଲକ କେନ୍ଦୁପଦରସ୍ଥିତ ପ୍ରଗତି ବିଦ୍ୟାପୀଠ ପରିସରରେ ଶନିବାର ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଓ ବିଧାୟିକା ମୁଞ୍ଜୁଳା ସ୍ୱାଇଁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ବ୍ଲକ୍ ଅଧ୍ୟକ୍ଷ ହରେକୃଷ୍ଣ ମଲିକ, ଉପାଧ୍ୟକ୍ଷା ସୁଜାତା ସ୍ୱାଇଁ, ବିଡିଓ ସତ୍ୟସୁନ୍ଦର ରାଉତ, ବିଇଓ କୃତିବାସ ବାରିକ, ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ପାଢୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ବ୍ଲକର ୪୦ରୁ ଉର୍ଦ୍ଧ୍ୱ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ୨୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଠାରୁ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମଣ୍ଡଳସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗିରଥି ପାତ୍ର ଏବଂ ବିଭିନ୍ନ ବିଦ୍ୟାଳୟର କ୍ରୀଡାଶିକ୍ଷକମାନେ ପ୍ରତିଯୋଗିତା ପରିଚାଳନା କରିଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

**ପାଟପୁର,୨୦।୧୦(ଡି.ଏନ.ଏ.)**

ସାନଖେମୁଣ୍ଡି ବ୍ଲକ ବିଜେଡି ପକ୍ଷରୁ ଶନିବାର ଜନସମ୍ପର୍କ ପଦଯାତ୍ରା ଓ ସଭ୍ୟ ସଂଗ୍ରହ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ପୂର୍ବତନ ସାନଖେମୁଣ୍ଡି ବିଧାୟିକା ନନ୍ଦନୀ ଦେବୀ, ବିଜେଡି ମହିଳା ସଭାନେତ୍ରୀ ମମତା କୁମାରୀ ପ୍ରଧାନ, ଗୋଲାପି ସେଠୀ, ଗୀତାଞ୍ଜଳି ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁ, ବ୍ଲକ ସଭାପତି ଧୋବା ସ୍ୱାଇଁ, ସାଧାରଣ ସମ୍ପାଦକ ଅମିନ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ବିଭିନ୍ନ ପଞ୍ଚାୟତର ବହୁ ସରପଞ୍ଚ ଓ ସମିତିସଭ୍ୟ ସାମିଲ ଥିଲେ। ପଦଯାତ୍ରାରେ ସିଙ୍ଗିପୁର, ଛଣମେରୀ, କଂସାମାରୀ, ପଦ୍ମପୁର, ପୋଡାମାରୀ, ଟି.ଗୋବିନ୍ଦପୁର, ପଟିଗୁଡା ଆଦି ଗ୍ରାମ ପରିକ୍ରମା କରିଥିଲେ। ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ବକ୍ତାମାନେ ସଭ୍ୟ ପଞ୍ଜୀକରଣକୁ ଜୋରଦାର କରାଯିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଗୁଡିକୁ ସାନଖେମୁଣ୍ଡି ଅଞ୍ଚଳରେ ପ୍ରଚାର ପ୍ରସାର କରାଯିବା ସହ ବିଜେଡିର ସାଙ୍ଗଠନିକ ଅଭିବୃଦ୍ଧି ପାଇଁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ ।

## ପେନଶନଧାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**କୋଦଳା,୨୦।୧୦(ଡି.ଏନ.ଏ.)**

କୋଦଳା ଷ୍ଟେଟବ୍ୟାଙ୍କ ଶାଖା ତରଫରୁ ଶୁକ୍ରବାର ଅବସରପ୍ରାପ୍ତ କର୍ମଚାରୀ ତଥା ପେନସନଧାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆରମ୍ଭ ହୋଇଛି। ଏସବିଆଇ ଶାଖା ପରିଚାଳକ ଅରବିନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଇ.ରାମଚନ୍ଦ୍ର ପାତ୍ର ଓ ସମ୍ମାନିତ ଅତିଥି ଏଲ.ଏନ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପଦ୍ମଚରଣ ପାଢ଼ୀ ଯୋଗଦେଇଥିଲେ। ଏସବିଆଇ ସ୍ୱତନ୍ତ୍ର ସହଯୋଗୀ ରାମନାରାୟଣ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରଥମ ଦିନ ଶିବିରକୁ କୋଦଳା, ଫାସି, ଦିଗାପଡା, ଛଟିନା, ଗୌରାଦେଇପୁରରୁ ୪୫ଜଣ ପେନସନଧାରୀ ଆସିଥିଲେ। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସକେ)ର ଆୟୁଷ ଡାକ୍ତର ଜୟଦେବ ନାୟକ, ଏଏନଏମପି ଗୀତାଞ୍ଜଳି ଆଚାରୀ, ମେଡିକାଲ ଷ୍ଟାଫ ସୌମ୍ୟ ରଞ୍ଜନ ପ୍ରଧାନ ପ୍ରମୁଖ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ବ୍ରାହ୍ମଣ ମହାସଂଘର ବୈଠକ

**ଶେରଗଡ,୨୦।୧୦(ଡି.ଏନ.ଏ.)**

ଶେରଗଡସ୍ଥିତ ରାମଚଣ୍ଡି କଲ୍ୟାଣ ମଣ୍ଡପରେ ରବିବାର ବ୍ରାହ୍ମଣ ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାପତି ଲଡୁକିଶୋର ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ଗଙ୍ଗାଧର ଶତପଥୀଙ୍କ ସଂଯୋଜନାରେ ବୈଠକରେ ଶେରଗଡ ବ୍ଲକର ୧୨ ଜଣ କାର୍ଯ୍ୟକାରୀ କମିଟି ଓ ଗଞ୍ଜାମ ଜିଲାର ବିଭିନ୍ନ ବ୍ଲକର ବ୍ରାହ୍ମଣ ମହାସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ। ବୈଠକରେ ଶେରଗଡ ବ୍ଲକର ସମସ୍ତ ୨୨ ପଞ୍ଚାୟତର ବ୍ରାହ୍ମଣମାନଙ୍କୁ ଏକାଠି କରି ମହାସଂଘ ଗଠନ କରିବାକୁ ଆଲୋଚନା ହୋଇଥିଲା। ବ୍ରାହ୍ମଣ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ, ସମାଜରେ ବ୍ରାହ୍ମଣଙ୍କୁ ନିଷ୍କ୍ରେଶିତ ରଖିବା ନେଇ ଉପସ୍ଥିତ ସଂଘ କର୍ମକର୍ତ୍ତା କ୍ଷୋଭ ପ୍ରକାଶ କରିଥିଲେ। ନାରାୟଣ ପାଣିଗ୍ରାହୀ, ଭବାନୀଶଙ୍କର ତ୍ରିପାଠୀ, ସୀମାଞ୍ଚଳ ମହାପାତ୍ର, ସୁରେନ୍ଦ୍ର ମିଶ୍ର, ପ୍ରତାପ କୁମାର ମିଶ୍ର ପ୍ରମୁଖ ବହୁ ବ୍ରାହ୍ମଣ ଯୋଗ ଦେଇଥିଲେ।

## କାଳୀପୂଜା ଶୁଭଖୁଣ୍ଟି ସ୍ଥାପନ


ଶୁଭଖୁଣ୍ଟି ସ୍ଥାପନ ପାଇଁ ପୂଜା ଚାଲିଛି।

**ଗଞ୍ଜାମ,୨୦।୧୦(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ଖଣ୍ଡଦେଉଳୀ ଗ୍ରାମରେ ଆସନ୍ତା ୨୭ ତାରିଖରେ ହେବାକୁ ଥିବା କାଳୀପୂଜା ନିମନ୍ତେ ରବିବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ଏହି ଅବସରରେ ପୂଜା ମଣ୍ଡପଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ଗ୍ରାମର ବାବୁଲା ଛାଟେଇ ଏବଂ ତାଙ୍କ ସ୍ତ୍ରୀ ସୁଜାତା କର୍ତ୍ତା ହୋଇଥିଲେ । ପୁରୋହିତ ମନୋରଞ୍ଜନ ତ୍ରିପାଠୀଙ୍କ ଦ୍ୱାରା ପୂଜା ଓ ହୋମ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ଗ୍ରାମରେ ୩ ଦିନ ଧରି କାଳୀପୂଜା ଚାଲିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ରାମାୟଣ ନାଟକ ପରିବେଷଣ କରାଯିବ। ଏଥିପାଇଁ ପୂର୍ବରୁ ଗ୍ରାମର ହାଡ଼ି ବେହେରା, ନାଲୁ ବେହେରା, ଶିବରାମ ସାହୁ, ତ୍ରିନାଥ ସ୍ୱାଇଁ, ପଦିଆ ଜେନା, ଅଭିରାମ ସାହୁ, ନିଳାଞ୍ଚଳ ବେହେରା, ରାମଚନ୍ଦ୍ର ସ୍ୱାଇଁ ପ୍ରମୁଖଙ୍କୁ ନେଇ ପ୍ରସ୍ତୁତି ବୈଠକ ହୋଇଥିଲା।

## ପିପୁଲ୍ସ କଲେଜରେ ଶିକ୍ଷକ-ଅଭିଭାବକ ସମ୍ମିଳନୀ

**ବୁଗୁଡ଼ା,୨୦।୧୦(ଡି.ଏନ.ଏ.)**

ବୁଗୁଡ଼ା ପିପୁଲ୍ସ କଲେଜ ପକ୍ଷରୁ ରବିବାର ସମ୍ପୃକ୍ତ କଲେଜର ବୈଠକ ଗୃହରେ ଶିକ୍ଷକ-ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜର ଅଧ୍ୟକ୍ଷ ତଥା ଶିକ୍ଷକ-ଅଭିଭାବକ କମିଟିର ସଭାପତି ରଜନୀକାନ୍ତ ଦାଶ ପୌରୋହିତ୍ୟ କରିଥିଲେ। ସମ୍ମିଳନୀରେ ହରିକୃଷ୍ଣ ନାୟକ, ସୁଦର୍ଶନ ସ୍ୱାଇଁ, ଡ. ପ୍ରଦୀପ କୁମାର ଦାଶ, ହିମାଂଶୁ ଶେଖର ରଥ ପ୍ରମୁଖ କମିଟିର ସଭ୍ୟମାନେ ମଞ୍ଚାସୀନ ଥିଲେ । ସମ୍ମିଳନୀରେ କଲେଜର ଶିକ୍ଷା ବ୍ୟବସ୍ଥା, ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷା ବ୍ୟବସ୍ଥା, ପ୍ରାଣୀ ବିଜ୍ଞାନ, ପଦାର୍ଥ ବିଜ୍ଞାନ ଓ ରାଜନୀତି ବିଜ୍ଞାନ ବିଭାଗରେ ଅଧ୍ୟାପକ ନିଯୁକ୍ତି, ଶୌଚାଳୟ ଓ ପାନୀୟ ଜଳ ବ୍ୟବସ୍ଥା, କଲେଜ ଛାତ୍ରୀଛାତ୍ରମାନେ ୟୁନିଫର୍ମ ପିନ୍ଧିବା ଆଦି ଉପରେ ଆଲୋଚନା ହୋଇଥିଲା। ଅଧ୍ୟକ୍ଷ ସବୁ ସମସ୍ୟାର ପ୍ରତିକାର କରାଯିବ ବୋଲି କହିବା ସହ ଅଭିଭାବକର ସକ୍ରିୟ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ରାମକୃଷ୍ଣ ନାୟକ, ଅକ୍ଷୟ କୁମାର ସାହୁ, ସଞ୍ଜୟ ପ୍ରଧାନ, କିଶୋର ପଣ୍ଡା, କ୍ରିଷ୍ଣାରାଓ ପାତ୍ରଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ଜମି ବନ୍ଦୋବସ୍ତ ନେଇ ଆଲୋଚନା

**ଶେରଗଡ,୨୦।୧୦(ଡି.ଏନ.ଏ.)**

ଶେରଗଡ ବ୍ଲକ ଗୋବିନ୍ଦପୁର, ଠୁରୁବୁରାଇ, ଡେଙ୍ଗାପଦର ସମେତ କିଛି ଗ୍ରାମରେ ଜମିଜମା ବନ୍ଦୋବସ୍ତ ହୋଇନାହିଁ । ବହୁବାର ଅଭିଯୋଗ ପରେ ଏକ ବନ୍ଦୋବସ୍ତ ଶିବିର ଗୋବିନ୍ଦପୁର ଗ୍ରାମରେ କିଛିମାସ ପୂର୍ବେ ହୋଇଥିଲା। ବନ୍ଦୋବସ୍ତ ସମୟରେ ଗ୍ରାମବାସୀଙ୍କ ସମ୍ପୂର୍ଣ୍ଣ ସହଯୋଗ ଲୋଡିବା ନେଇ ଏକ ସଭା ରବିବାର ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବନ୍ଦୋବସ୍ତ ଅଧିକାରୀ ତଥା ସ୍ଥାନୀୟ ତହସିଲଦାର ଡ.ଦୟାସିନ୍ଧୁ ପରିଡା ଯୋଗଦେଇ ଲୋକମାନଙ୍କୁ ରାଜସ୍ୱ ଆଇନ, ଜମିଜମା ସମ୍ପର୍କିତ ଆଇନ, ଜମିଜମାର ହିସାବ, ବିଭିନ୍ନ ଜମିର କିସମ, ବିକ୍ରି ଯୋଗ୍ୟ ହସ୍ତାନ୍ତର ଯୋଗ୍ୟ ଉପରେ ସଚେତନ କରିଥିଲେ। ବନ୍ଦୋବସ୍ତ କର୍ମଚାରୀଙ୍କ ସମେତ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ।


ସଭାରେ ଯୋଗଦେଇଥିବା ଗ୍ରାମବାସୀ ଓ ସରକାରୀ ଅଧିକାରୀ।

# ସଦ୍‌ଭାବନା ଅଭିଯାତ୍ରୀ ଦଳଙ୍କୁ ସ୍ୱାଗତ

**ଦିଗପହଣ୍ଡି,୨୦।୧୦(ଡି.ଏନ.ଏ.)**



ଅଭିଯାତ୍ରୀ ଦଳଙ୍କ ସହ ଅତିଥି ବୃନ୍ଦ।

ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଓ ସ୍ୱାଧୀନତା ସଂଗ୍ରାମୀ ବୀର ଲକ୍ଷ୍ମଣ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ମାଲକାନଗିରି ମାଥିଲିରୁ ବାହାରିଥିବା ସଦ୍‌ଭାବନା ରଥ ଶୁକ୍ରବାର ଅପରାହ୍ନରେ ଦିଗପହଣ୍ଡିରେ ପହଞ୍ଚିଥିଲା। ସେଠାରେ ଆସିଥିବା ଅଭିଯାତ୍ରୀମାନଙ୍କୁ ବିଭିନ୍ନ ବର୍ଗର ଜନସାଧାରଣଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍ଥାନୀୟ ବଡ଼ଖେମୁଣ୍ଡି ହାଇସ୍କୁଲ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସଭାରେ ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ କୃଷ୍ଣା ମହାନ୍ତି, ରାଷ୍ଟ୍ରୀୟ ଯୁବା ସଂଗଠନର ଜାତୀୟ ସଂଯୋଜକ ଡ. ବିଶ୍ୱଜିତ, ସ୍ୱାଧୀନତା ସଂଗ୍ରାମୀ ନିଶାକର ଦାସଙ୍କ ସମେତ ଅଭିଯାତ୍ରୀ ଦଳରେ ଆସିଥିବା ରାଜୀବ ଗାନ୍ଧୀ ଫାଉଣ୍ଡେଶନ, ଗାନ୍ଧୀ ଶାନ୍ତି ଫାଉଣ୍ଡେଶନ ଓଡ଼ିଶା ଶାଖା, ରାଷ୍ଟ୍ରୀୟ ଯୁବା ସଂଗଠନ, ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ପ୍ରାୟ ୨୦ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଗାନ୍ଧୀଙ୍କ ସତ୍ୟ ଓ ଅହିଂସା ନୀତିରେ ଅନୁପ୍ରାଣିତ ହୋଇ ଏକ ନୂଆ ଭାରତ ଗଠନ ଦିଗରେ ସମସ୍ତେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଉଦଗାତା, ଅତିରିକ୍ତ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବିଶ୍ରବା ପାଇକ, ଆଞ୍ଚଳିକ ଗୋଷ୍ଠୀ ସାଧନ ସଂଯୋଜକ ଉପେନ୍ଦ୍ର ପଣ୍ଡା, ପ୍ରମୁଖ ଉପସ୍ଥିତ ଥିଲେ।

# ଯୌତୁକ ନିର୍ଯାତନା ଅଭିଯୋଗ, ସ୍ୱାମୀ ଗିରଫ

ଛତ୍ରପୁର,୨୦।୧୦(ଡି.ଏନ.ଏ.)

ଯୌତୁକ ନିର୍ଯାତନା ଅଭିଯୋଗରେ ସ୍ୱାମୀଙ୍କୁ ରବିବାର ଛତ୍ରପୁର ପୋଲିସ ଗିରଫ କରିଛି। ସେ ହେଲେ ଚିକିଲଖଣ୍ଡି ଗାଁ ରବି ରଞ୍ଜନ ଗୌଡ। ଗଞ୍ଜାମ ଓଡିଆ ଡାମଣା ସାହିର ଜଣେ ଯୁବତୀଙ୍କୁ ୨୦୧୯ ମେ ୧ ରେ ରବି ବିବାହ କରିଥିଲେ। ଦାବି ମୁତାବକ ଯୌତୁକ ଦିଆଯାଇଥିବା ସତ୍ତ୍ୱେ ପରେ ଅଧିକ ଯୌତୁକ ଦାବି କରିଥିଲେ। ଏଥିସହ ସ୍ତ୍ରୀଙ୍କୁ ସେ ନିର୍ଯାତନା ଦେଉଥିଲେ । ଏନେଇ ଛତ୍ରପୁର ଥାନାରେ ଦିଆଯାଇଥିବା ଏତଲାକୁ ଭିତ୍ତିକରି ପୋଲିସ ମାମଲା (ନଂ-୨୬୫/୧୯ ) ରୁଜୁ କରି ରବିଙ୍କୁ ଗିରଫ କରିଥିଲା ।

# ଧର୍ମ ସମ୍ମିଳନୀ ପ୍ରସ୍ତୁତି ବୈଠକ

ବୁଗୁଡ଼ା,୨୦।୧୦(ଡି.ଏନ୍.ଏ.)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବାଲିପଦର ଧର୍ମ ଜାଗରଣ ସମିତି ତରଫରୁ ବାଲିପଦରରେ ବିଂଶତମ ଧର୍ମ ସମ୍ମିଳନୀ ସକାଶେ ଶନିବାର କାଦପଡ଼ା ତନ୍ତୁବାୟ ସହଯୋଗ ସମିତି ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଜାଗରଣ ସମିତିର ସଭାପତି ବିଶ୍ୱନାଥ ରଣା ଅଧକ୍ଷତା କରିଥିଲେ। ସମ୍ପାଦକ ବିଜୟ ମହାରଣା ବିବରଣୀ ପାଠ କରିବା ସହ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। କୋଷାଧ୍ୟକ୍ଷ ଆୟବ୍ୟୟ ଉପସ୍ଥାପନା କରିଥିଲେ। ଆସନ୍ତା ୨୯ ତାରିଖରେ ବାଲିପଦର ମକର ପଡ଼ିଆରେ ଏହି ସମ୍ମିଳନୀ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହାର ସୁପରିଚାଳନା ପାଇଁ ଅଭ୍ୟର୍ଥନା କମିଟି ସହ ଶାନ୍ତିଶୃଙ୍ଖଳା, ପ୍ରଚାର ପ୍ରସାର, ଆନନ୍ଦ ବଜାର ଆଦି ବିଭିନ୍ନ କମିଟି ଗଠନ କରାଯାଇଥିଲା । ପ୍ରସ୍ତୁତି ବୈଠକରେ ଜି. ରାଜେଶ୍ୱର ପାତ୍ର, ପଣ୍ଡିତ ସୀମାଞ୍ଚଳ ପଣ୍ଡା, ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଜେନା, ନରସିଂହ ପାତ୍ର, ରାଜେନ୍ଦ୍ର ମହାରଣା, ରାଜେନ୍ଦ୍ର ରାଉତ, ଶାନ୍ତନୁ କୁମାର ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କିଶୋର ଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ଛତ୍ରପୁର,୨୦।୧୦(ଡି.ଏନ.ଏ.)

ଛତ୍ରପୁରସ୍ଥିତ ଅନ୍‌ସ୍ଲୋ ହାଇସ୍କୁଲର ୧୯୭୨ ମ୍ୟାଟ୍ରିକ ବ୍ୟାଚ୍‌ର ପୁରାତନ ଛାତ୍ରଙ୍କର ଏକ ବନ୍ଧୁମିଳନ ରବିବାର ତାମ୍ପରା ବୋଟିଂ କ୍ଲବରେ ଅନୁଷ୍ଠିତ ହୋଇଥିଲା। ଶ୍ରୀକାନ୍ତ ମିଶ୍ର, ଶିବ କୁମାର ପଟ୍ଟନାୟକ, ନିଗମ ଆଚାର୍ଯ୍ୟ, ଜି.ନିରସିଂହ ମୂର୍ତ୍ତି ଓ ହରିହର ମହାରଣା ପରିଚାଳନା କରିଥିଲେ। ପୁରାତନ ଛାତ୍ରମାନେ ତାଙ୍କ ପାଠ ପଢିବା ବେଳର ସ୍ମୃତିକୁ ଉପସ୍ଥାପନ କରିଥିଲେ।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ